ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

visit us at
www.paryabekhyak.com

PARYABEKHYAK ପର୍यवेक्षक

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.22 . No.294, Bhubaneswar Wednesday, January 08, 2020 | ୨୨ତମ ବର୍ଷ ସଂଖ୍ୟା-୨୯୪ ଭୁବନେଶ୍ୱର, ବୁଧବାର, ଜାନୁଆରୀ ୦୮, ୨୦୨୦ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

# ଆଜି ଭାରତ ବନ୍ଦ

- କେନ୍ଦ୍ରୀୟ ଟ୍ରେଡ୍ ୟୁନିଅନ ପକ୍ଷରୁ ୨୪ ଘଂଟିଆ ଧର୍ମଘଟ ଡାକରା
- ସକାଳ ସାଢେ ୯ଟା ପୂର୍ବରୁ ଅଫିସ୍ ଆସିବାକୁ କର୍ମଚାରୀଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର, ୭।୧(ପି.ଏନ): ଆସନ୍ତାକାଲି (ବୁଧବାର)କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ଗୁଡ଼ିକ ପକ୍ଷରୁ ଭାରତ ବନ୍ଦ ପାଳନ କରାଯିବ। ଏହାକୁ ନଜରରେ ରଖି ଗୃହ ବିଭାଗ ସ୍ୱତନ୍ତ୍ର ସଚିବ ଡ. ସନ୍ତୋଷ ବାଲା ସବୁ ଜିଲ୍ଲାପାଳଙ୍କୁ ଚିଠି ଲେଖିଛନ୍ତି। ବନ୍ଦ ପାଳନ ବେଳେ ଶାନ୍ତି ଶୃଙ୍ଖଳା ବଜାୟ ସହ ସବୁ ପ୍ରକାର ସତର୍କତାମୂଳକ ପଦକ୍ଷେପ ନେବାକୁ କୁହାଯାଇଛି। ସେହିଭଳି ସରକାରୀ ଅଫିସରେ କାର୍ଯ୍ୟରତ କର୍ମଚାରୀଙ୍କୁ ସକାଳ ସାଢ଼େ ୯ଟା ପୂର୍ବରୁ କର୍ମଚାରୀମାନେ ଅଫିସରେ ପହଂଚିବାକୁ ଚିଠିରେ କୁହାଯାଇଛି। ବନ୍ଦକୁ ଦୃଷ୍ଟିରେ ରଖି ୪ଟି ଜିଲ୍ଲା କନ୍ଧମାଳ, ଢେଙ୍କାନାଳ, ଖୋର୍ଦ୍ଧା ଓ ଗଂଜାମ ଜିଲ୍ଲାର ଜିଲ୍ଲାପାଳ ମାନେ ସମ୍ପୃକ୍ତ ଜିଲ୍ଲାରେ ସ୍କୁଲ ବନ୍ଦ ରହିବ ବୋଲି ଘୋଷଣା କରିଛନ୍ତି। ବିଭିନ୍ନ ଦାବି ନେଇ ସିପିଆଇ ଏମଏଲ ରେଡ୍ ଷ୍ଟାର, ଟିୟୁସିଆଇ,ଓଏନଏସୟୁ , ସିଆଇଟିୟୁ ,କିଷାନ ସଭା , କ୍ଷେତ୍ ମଜଦୁର ୟୁନିଅନ୍ ,ଆଦିବାସୀ ମହାସଂଘ, ଡିୱାଇଏଫଆଇ ଇତ୍ୟାଦି ସଂଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ , ସତ୍ୟାଗ୍ରହ ସହ ପିକେଟିଂ କରାଯିବ। ବୁଧବାର ସକାଳୁ ଭୁବନେଶ୍ୱର ରେଲଷ୍ଟେସନ୍ , ଷ୍ଟେଟ୍ ବ୍ୟାଙ୍କ୍ ଓ ରିଜର୍ଭ ବ୍ୟାଙ୍କ୍ ସମ୍ମୁଖ ,ଇଷ୍ଟକୋଷ୍ଟ ରେଳବାଇ ମୁଖ୍ୟ ଦପ୍ତର, ଇଣ୍ଡିଆନ୍ ଅଏଲ ଅଫିସ୍ ସମ୍ମୁଖ , କ୍ରାଉନ୍ ହୋଟେଲ ନିକଟ , ଆଇଗିଣିଆ ଛକ , ପଳାଶୁଣୀ ଛକ, ଜୟଦେବ ବିହାର , ଆଚାର୍ଯ୍ୟ ବିହାର ପ୍ରମୁଖ ଛକ ଜାଗାରେ ପିକେଟିଂ କରାଯିବ ବୋଲି ଟ୍ରେଡ୍ ୟୁନିୟନ୍ ମାନଙ୍କ ପକ୍ଷରୁ କୁହାଯାଇଛି। କେନ୍ଦ୍ର ସରକାରଙ୍କ ଶ୍ରମିକମାରଣ ଓ ଦେଶ ବିରୋଧୀ ନୀତି ବିରୋଧରେ ଏକାଠି ହୋଇ ସଂଘର୍ଷ ପାଇଁ ଡାକରା ଦେଇଛନ୍ତି ବ୍ୟାଙ୍କ, ବୀମା, କେନ୍ଦ୍ର ଓ ରାଜ୍ୟ କର୍ମଚାରୀ ଶ୍ରମିକ ସଂଗଠନ ସମୂହ । ଦାବି ଗୁଡ଼ିକ ହେଉଛି- ଦରଦାମ ବୃଦ୍ଧି ବନ୍ଦ କର, ଅଣକୁଶଳୀ ଶ୍ରମିକଙ୍କ ସର୍ବନିମ୍ନ ମଜୁରୀ ୨୧ ହଜାର କରାଯାଉ, ସମାନ କାମକୁ ସମାନ ଦରମା, ଘରୋଇକରଣ ବନ୍ଦ ଓ କୃଷକଙ୍କ ପାଇଁ ସ୍ୱାମୀନାଥନ କମିଟିର ସୁପାରିଶ ଲାଗୁ ଇତ୍ୟାଦି। ତେବେ ଏହି ବନ୍ଦରୁ ଆମ୍ବୁଲାନସ, ଔଷଧ ଦୋକାନ, ପରୀକ୍ଷାର୍ଥୀ, ଫାୟାର ଗାଡ଼ି ଓ କ୍ଷୀରଗାଡ଼ି ପରି ଅତ୍ୟାବଶକ ସେବାକୁ ବାଦ ଦିଆଯାଇଛି। ଅନ୍ୟପକ୍ଷରେ ବନ୍ଦକୁ ଦୃଷ୍ଟିରେ ରଖି ବୁଧବାର ସଂଧ୍ୟା ୬ ଟା ପର୍ଯ୍ୟନ୍ତ ଘରୋଇ ବସ୍ ଚଳାଚଳ ବନ୍ଦ ରଖିବାକୁ ଘରୋଇ ବସ୍ ମାଲିକ ସଂଘ ନିଷ୍ପତି ନେଇଛି। ସେହିପରି ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ସମସ୍ତ ମହାବିଦ୍ୟାଳୟର ସମସ୍ତ ପରୀକ୍ଷାକୁ ଘୁଂଚାଇ ଦିଆଯାଇଛି। ଭୁବନେଶ୍ୱରରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ୧୫ ପ୍ଲାଟୁନ୍ ପୋଲିସ୍ ଫୋର୍ସ ମୁତୟନ କରାଯିବ। ଅନ୍ୟପକ୍ଷରେ ଏହି ଦେଶ ବ୍ୟାପୀ ବନ୍ଦ ପାଳନକୁ ସମର୍ଥନ ଜଣାଇଛନ୍ତି ବାମପନ୍ଥୀ ଦଳ , କଂଗ୍ରେସ ଓ ଝାରଖଣ୍ଡ ମୁକ୍ତି ମୋର୍ଚ୍ଚା।



ନୂଆଦିଲ୍ଲୀର ହାଇଦ୍ରାବାଦ ହାଉସଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ପର୍ତ୍ତୁଗାଲ ପ୍ରଧାନମନ୍ତ୍ରୀ ଆଣ୍ଟୋନିଓ କୋଷ୍ଟାଙ୍କ ସୌଜନ୍ୟମୂଳକ ସାକ୍ଷାତ

## ଜାନୁଆରୀ ୨୨ରେ ଫାଶୀ ଖୁଂଟରେ ଝୁଲିବେ ୪ ନିର୍ଭୟା ଦୁଷ୍କର୍ମକାରୀ

ନୂଆଦିଲ୍ଲୀ,୭।୧(ପି.ଏନ): ନିର୍ଭୟା ଗଣଦୁଷ୍କର୍ମ ଓ ହତ୍ୟାକାଣ୍ଡର ଦୋଷୀମାନଙ୍କୁ ଆସନ୍ତା ଜାନୁଆରୀ ୨୨ରେ ଫାଶୀ ଦିଆଯିବ। ୨୨ ତାରିଖ ସକାଳ ୭ଟା ସମୟରେ ଦୋଷୀମାନଙ୍କୁ ଫାଶୀ ଖୁଂଟରେ ଝୁଲାଇଦେବା ପାଇଁ ମଙ୍ଗଳବାର ଦିଲ୍ଲୀର ପଟିଆଲା ହାଉସ କୋର୍ଟ ତିହାର ଜେଲ କର୍ତ୍ତୃପକ୍ଷଙ୍କୁ ନୋଟିସ୍ ଜାରି କରିବା ସହ ଅପରାଧୀମାନଙ୍କର ମୃତ୍ୟୁ ପରୱାନା ମଧ୍ୟ ପଠାଇ ଦେଇଛନ୍ତି। ଭାରତୀୟ ଦଣ୍ଡ ସଂହିତାର ଧାରା ୪୧୫ ଅନୁସାରେ ଏହି ମାମଲାରେ ଅଦାଲତ ଡେଥ୍ ୱାରେଂଟ ଜାରି କରିଛନ୍ତି। ଫଳରେ ୪ ନିର୍ଭୟା ଦୋଷୀ ଫାଶୀଖୁଂଟରେ ଝୁଲିବା ନିଶ୍ଚିତ ହୋଇପଡ଼ିଛି। ୪ଜଣ ଦୁଷ୍କର୍ମକାରୀଙ୍କୁ ଫାଶୀ ଦିଆଯିବା ପାଇଁ ତିହାର ଜେଲରେ ସମସ୍ତ ପ୍ରସ୍ତୁତି ଶେଷ ହୋଇସାରିଛି। କେବଳ ଫାଶୀ ହେବାର ତାରିଖ ଓ ସମୟକୁ ଅପେକ୍ଷା ରହିଥିଲା, ଯାହା ଆଜି ଘୋଷଣା ହୋଇଛି। ୨୦୧୨ ମସିହା ଡିସେମ୍ବର ୧୬ତାରିଖରେ ସଂଘଟିତ ଏହି ଜଘନ୍ୟ କାଣ୍ଡରେ ଫାଶୀ ଦିଆଯିବାକୁ ଥିବା ୪ ଜଣ ବ୍ୟକ୍ତି ହେଉଛନ୍ତି ଅକ୍ଷୟ ସିଂହ ଠାକୁର, ମୁକେଶ, ପୱନ ଗୁପ୍ତା ଏବଂ ବିନୟ ଶର୍ମା। ସୂଚନାଯୋଗ୍ୟ ୨୦୧୨ ଡିସେମ୍ବର ୧୬ ତାରିଖରେ ପାରାମେଡ଼ିକାଲ ଛାତ୍ରୀଙ୍କୁ ଏକ ଚଳନ୍ତା ବସରେ ଗଣ-ଦୁଷ୍କର୍ମ କରାଯିବା ସହ ତାଙ୍କୁ ଅମାନୁଷିକ ନିର୍ଯାତନା ଦିଆଯାଇଥିଲା। ୬ ଜଣ ବ୍ୟକ୍ତି ଏହି କାଣ୍ଡ ଘଟାଇବା ପରେ ତାଙ୍କୁ ମୁମୂର୍ଷୁ ଅବସ୍ଥାରେ ଚଳନ୍ତା ବସରୁ ଫିଙ୍ଗି ଦେଇଥିଲେ। ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଥିବା ନିର୍ଭୟା, ସେହିବର୍ଷ ଡିସେମ୍ବର ୨୯ରେ ସିଙ୍ଗାପୁରର ମାଉଂଟ ଏଲିଜାବେଥ ହସପିଟାଲରେ ମୃତ୍ୟୁବରଣ କରିଥିଲେ। ଏହି ଘଟଣାରେ ଗିରଫ ହୋଇଥିବା ୬ ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ରାମ ସିଂ ତିହାର ଜେଲରେ ଆତ୍ମହତ୍ୟା କରିଥିଲା। ଆଉ ଜଣେ ଅଭିଯୁକ୍ତ ନାବାଳକ ହୋଇଥିବାରୁ ତାକୁ ଏକ ବାଳ ସୁଧାର ଗୃହକୁ ପଠାଇ ଦିଆଯାଇଥିଲା। ୨୦୧୩, ସେପ୍ଟେମ୍ବର ୧୩ରେ ଦିଲ୍ଲୀର ଏକ ଫାଷ୍ଟଟ୍ରାକ୍ କୋର୍ଟ ଏହି ୪ ଅଭିଯୁକ୍ତ ପବନ ଗୁପ୍ତା, ଅକ୍ଷୟ ସିଂହ, ମୁକେଶ ଓ ବିନୟ ଶର୍ମାଙ୍କୁ ଦୋଷୀ ଘୋଷଣା କରିବା ସହ ସେମାନଙ୍କୁ ମୃତ୍ୟୁ ଦଣ୍ଡାଦେଶ ଶୁଣାଇ ଥିଲେ। ୫ମେ, ୨୦୧୭ରେ ସୁପ୍ରିମକୋର୍ଟ ଏହି ମୃତ୍ୟୁଦଣ୍ଡକୁ କାଏମ ରଖିଥିଲେ। ସେହିବର୍ଷ ନଭେମ୍ବର ୧୩ରେ ଦୋଷୀମାନେ ସୁପ୍ରିମକୋର୍ଟରେ ପୁନର୍ବିଚାର ପାଇଁ ଆବେଦନ କରିଥିଲେ ଏବଂ ଗତ ବର୍ଷ ଜୁଲାଇ ମାସରେ ସୁପ୍ରିମକୋର୍ଟ ଦୋଷୀମାନଙ୍କ ପୁନର୍ବିଚାର ଆବେଦନକୁ ଖାରଜ କରିଦେଇଥିଲେ।

### ବନ୍ଦ ପାଇଁ ସୁରକ୍ଷା ବ୍ୟବସ୍ଥା କଡାକଡି

ଭୁବନେଶ୍ୱର, ୭।୧(ପି.ଏନ): ଆସନ୍ତାକାଲି ବିଭିନ୍ନ ଟ୍ରେଡ୍ ୟୁନିୟନ୍ ପକ୍ଷରୁ ଭାରତ ବନ୍ଦ ଆନ୍ଦୋଳନକୁ ଦୃଷ୍ଟିରେ ରଖି ଭୁବନେଶ୍ୱରରେ ଆଇନ୍ ଶୃଙ୍ଖଳା ରକ୍ଷା ପାଇଁ କମିଶନରେଟ୍ ପୋଲିସ୍ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ଭୁବନେଶ୍ୱରରେ ଆଇନଶୃଙ୍ଖଳା ରକ୍ଷା ପାଇଁ ୧୫ ପ୍ଲାଟୁନ୍ ପୋଲିସ୍ ଫୋର୍ସ ମୁତୟନ ରହିବେ। ଛକ ମାନଙ୍କରେ ପୋଲିସ୍ ସହିତ ଷ୍ଟ୍ରାଇକିଂ ଫୋର୍ସ ମଧ୍ୟ ରହିବେ। ରେଳ ଏବଂ ବସ୍ ଚଳାଚଳକୁ ସ୍ୱାଭାବିକ କରିବାକୁ ଗୁରୁତ୍ୱ ଦିଆଯିବ। ଏହି ଭାରତ ବନ୍ଦ ୨୪ ଘଂଟିଆ ହେବ। ବୁଧବାର ସକାଳ ୬ରୁ ଗୁରୁବାର ସକାଳ ୬ ଟାପର୍ଯ୍ୟନ୍ତ ବନ୍ଦ ବଳବତର ରହିବ। ବୋଲି ଭୁବନେଶ୍ୱର ଡିସିପି ଅନୁପ ସାହୁ ପ୍ରକାଶ କରିଛନ୍ତି। ସ୍କୁଲ ମାନଙ୍କରେ ପୋଲିସ୍ ମୁତୟନ ରହିବେ। ସଚିବାଳୟର କର୍ମଚାରୀମାନଙ୍କୁ ସକାଳ ସାଢେ ୯ଟା ପୂର୍ବରୁ କାର୍ଯ୍ୟାଳୟରେ ପହଂଚିବାକୁ କୁହାଯାଇଛି। ସେହିପରି ନକ୍ସଲ ପ୍ରବଣ ଜିଲ୍ଲା ମାନଙ୍କରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯିବା ସହ ପେଟ୍ରୋଲିଂ ବ୍ୟବସ୍ଥା କରାଯାଇଛି। ଅପରପକ୍ଷରେ ଏହି ଆନ୍ଦୋଳନକୁ ସଫଳ କରିବାକୁ ସବୁମତେ ଚେଷ୍ଟା କରାଯିବ ବୋଲି ଟ୍ରେଡ୍ ୟୁନିୟନ୍ ମାନଙ୍କ ପକ୍ଷରୁ କୁହାଯାଇଛି। ରାଜନୈତିକ ଦଳ ବିଜେଡି ସମେତ କଂଗ୍ରେସ ଓ ବାମପନ୍ଥୀ ଦଳ ଗୁଡିକ ବନ୍ଦକୁ ସମର୍ଥନ ଦେବେ ବୋଲି ଘୋଷଣା କରିଛନ୍ତି। ବନ୍ଦକୁ ଶାନ୍ତିପୂର୍ଣ୍ଣ ଭାବେ କରାଯିବ ବୋଲି ଟ୍ରେଡ୍ ୟୁନିୟନ୍ ପକ୍ଷରୁ କୁହାଯାଇଛି।

### ଭାରସାମ୍ୟ ହରାଇ ରାସ୍ତା କଡକୁ ଓଲଟିଲା ଘରୋଇ ବସ୍,୫ ଆହତ,୨ ଗୁରୁତର

ଧର୍ମଶାଳା,୭।୧(ପି.ଏନ): ଯାଜପୁର ଜିଲା ବରୀ ନିର୍ବାଚନ ମଣ୍ଡଳୀ ଅଂଚଳରେ ଅଘଟଣ । ମରଣ ମୁହଁରୁ ବର୍ତିଲେ ୭ ଯାତ୍ରୀ । ଏଭଳି ଘଟଣା ଘଟିଛଇ ବରୀ ନିର୍ବାଚନ ମଣ୍ଡଳୀ ରସୁଲପୁର ବ୍ଲକ ଅନ୍ତର୍ଗତ ବନ୍ଧଡିହ ପଂଚାୟତ ମଠସାହି ନିକଟରେ । ଭାରସାମ୍ୟ ହରାଇ ରାସ୍ତା କଡକୁ ଓଲଟି ପଡିଲା ଘରୋଇ ବସ୍ । ଗୁଗ୍ଲି(ମାମଙ୍ଗଳା) (ଓଆର୦୫ଟି୦୦୭୫) ନାମକ ଆଜି ସକାଳ ୭.୧୫ ମିନିଟ୍ ସମୟରେ ଏହି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସ୍ୱାଇଁଖଣ୍ଡ ଅଂଚଳରୁ ବାହାରି କଟକ ଅଭିମୁଖେ ଆସୁଥିଲା । ଆସୁଥିବା ସମୟରେ ମଠସାହି ନିକଟରେ ବସ୍‌ଟି ଭାରସାମ୍ୟ ହରାଇ ରାସ୍ତା କଡର ବାମ ପାର୍ଶ୍ୱକୁ ଓଲଟି ପଡିଥିଲା । ଏହି ବସ୍ ଭିତରେ ମୋଟ ୭ ଜଣ ଯାତ୍ରୀ ଥିବା ବେଳେ ବସ୍ ଡ୍ରାଇଭର,ହେଲପର ଓ କଣ୍ଡକ୍ଟର ସମସ୍ତେ ମରଣ ମୁହଁରୁ ଅଳ୍ପକେ ବର୍ତି ଯାଇଛନ୍ତି। ସେମାନଙ୍କ ମଧ୍ୟରେ ୨ ଜଣ ମହିଳା ଓ ୫ ଜଣ ପୁରୁଷ ଯାତ୍ରୀ ଥିଲେ । ବସ୍‌ଟି ଓଲଟି ଯିବା ଫଳରେ ଘଟଣାସ୍ଥଳରେ ପ୍ରଚଣ୍ଡ ଶବ୍ଦ ହେବା ଫଳରେ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପଂହଚି ବସ୍ ଭିତରୁ ସେମାନଙ୍କ ଉଦ୍ଧାର କରିଥିଲେ।

### ବନ୍ଦ ପାଇଁ ଘୁଂଚିଲା ବିଶ୍ୱବିଦ୍ୟାଳୟ ପରୀକ୍ଷା

ଭୁବନେଶ୍ୱର, ୭।୧(ପି.ଏନ):- ଆସନ୍ତାକାଲି ବିଭିନ୍ନ ଟ୍ରେଡ୍ ୟୁନିୟନ୍ ମାନଙ୍କ ପକ୍ଷରୁ ଦିଆଯାଇଥିବା ଭାରତ ବନ୍ଦ ଡାକରାକୁ ଦୃଷ୍ଟିରେ ରଖି ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ୮ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ସମସ୍ତ ପରୀକ୍ଷାକୁ ଘୁଂଚାଇ ଦିଆଯାଇଛି। ଅନ୍ୟ ଦିନରେ ପରୀକ୍ଷା ହେବା ନେଇ ଖୁବ୍ ଶୀଘ୍ର ତାରିଖ ଘୋଷଣା କରାଯିବ। ଏସମ୍ପର୍କରେ ଉତ୍କଳ ବିଶ୍ୱ ବିଦ୍ୟାଳୟ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

### ଆଜି ଚାଲିବନି ଘରୋଇ ବସ୍

ଭୁବନେଶ୍ୱର, ୭।୧(ପି.ଏନ):- ଆସନ୍ତାକାଲି ଓଡିଶାରେ ଘରୋଇ ବସ୍ ଚଳାଚଳ ବନ୍ଦ ରହିବ। ବିଭିନ୍ନ ଦାବି ନେଇ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ୍ ମାନଙ୍କ ପକ୍ଷରୁ ବୁଧବାର ଭାରତ ବନ୍ଦ ଡାକରା ଦିଆଯାଇଛି। ଏହାକୁ ଦୃଷ୍ଟିରେ ରଖି ବସ୍ ଚଳାଚଳ ବନ୍ଦ ରଖିବାକୁ ଘରୋଇ ବସ୍ ମାଲିକ ସଂଘ ନିଷ୍ପତି ନେଇଛି।

## ମାଓ ହମଲାକୁ ୬ ଦିନ ବିତିଲାଣି, ମାଓ ଭୟରେ ଘରୁ ପଦାକୁ ବାହାରୁନାହାଁନ୍ତି ଲେତିଙ୍ଗିଆ ଗ୍ରାମବାସୀ

କନ୍ଧମାଳ,୭।୧(ପି.ଏନ): ସଶସ୍ତ୍ର ମାଓବାଦୀମାନେ ଗତ ୨ ତାରିଖ ଗୁରୁବାର ରାତିରେ କନ୍ଧମାଳ ଜିଲ୍ଲା କ.ନୂଆଗାଁ ବ୍ଲକ ଅନ୍ତର୍ଗତ ଲେତିଙ୍ଗିଆ ନିକଟବର୍ତୀ ବୁଡୁମାହାରେ ରଂଜନ ଦିଗାଲ ନାମକ ଜଣେ ଯୁବକଙ୍କୁ ପୋଲିସ ଇନଫର୍ମର ସନ୍ଦେହରେ ଘରୁ ଘୋସାଡି ଆଣି ନିର୍ମମ ଭାବେ ଗୁଳିକରି ହତ୍ୟା କରିଥିଲେ। ଏଥିସହ ମୃତଦେହ ନିକଟରେ ପୋଷ୍ଟର ମଧ ଛାଡି ଚାଲିଯାଇଥିଲେ ମାଓବାଦୀ ମାନେ। ସେହି ଘଟଣା ପରଠାରୁ ଲେତିଙ୍ଗିଆ ବୁଡ୍ରିକିଆ ଓ ଆଖପାଖ ଗ୍ରାମର ଗ୍ରାମବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି। ମୁହଁ ଖୋଲିବାକୁ ଭୟ କରୁଛନ୍ତି। ଜଙ୍ଗଲ ତ ଯାଉନାହାଁନ୍ତି ସେହି ଦିନ ଠାରୁ। ସଂଜ ନଇଁଲେ ତାଟି କବାଟ ପକାଇ ବନ୍ଦ କରି ରହୁଛନ୍ତି। ଏଣେ ପୋଲିସର କମ୍ବିଂ ଅପରେସନ ମଧ ହେଉନି। ଏହି ଜଙ୍ଗଲରେ ୨୦/୨୫ ମାଓବାଦୀ କ୍ୟାମ୍ପ କରି ରହୁଛନ୍ତି। ଫଳରେ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି। ସେହି ଗାଁରେ ଚାଲିଥିବା ବିଭିନ୍ନ କାମ ମଧ ବନ୍ଦ ରହିଛି ଘଟଣା ପରଠାରୁ। ମୁଲିଆ କି ମିସ୍ତ୍ରୀ କାମକୁ ଆସୁନାହାଁନ୍ତି। ଠିକାଦାର ବି ଯାଉନାହାଁନ୍ତି। ବ୍ଲକ କର୍ମଚାରୀ କି ବିଡିଓଙ୍କ ବି ଦେଖାନାହିଁ। ରଂଜନଙ୍କ ସ୍ତ୍ରୀ ଜଣେ ଅଙ୍ଗନବାଡି କର୍ମୀ। ତଥାପି ତାଙ୍କୁ ସମବେଦନା ଜଣାଇବା ପାଇଁ ଘରକୁ କିମ୍ବା ଗାଁକୁ ସୁପରଭାଇଜର କି ସିଡିପିଓ ଆସିନାହାଁନ୍ତି।

## ୧୦ ଦଫା ଦାବି ନେଇ ସର୍ବଭାରତୀୟ ଜାତୀୟ ଧର୍ମଘଟରେ ରାଜ୍ୟ କର୍ମଚାରୀ ସାମିଲ ହେବେ

ଭୁବନେଶ୍ୱର, ୭।୧(ପି.ଏନ): କେନ୍ଦ୍ର ସରକାରଙ୍କ ଶ୍ରମିକ କର୍ମଚାରୀ ଶିକ୍ଷକ ମାରଣ ନୀତିକୁ ବିରୋଧ କରି ଓଡ଼ିଶା ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମତି ପକ୍ଷରୁ ସଭାପତି ଲିଙ୍ଗରାଜ ମହାନ୍ତି, କାର୍ଯ୍ୟକାରୀ ସଭାପତି ସୁଦର୍ଶନ ପ୍ରଧାନ, ସାଧାରଣ ସମ୍ପାଦକ ନରୋତମ ପାର୍ଥସାରଥୀ, ବରିଷ୍ଠ ଉପସଭାପତି ପ୍ରଶାନ୍ତ କୁମାର ମହାନ୍ତି, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ନାୟକ ଓ ଅଫିସ ସମ୍ପାଦକ କାହ୍ନୁଚରଣ ମଲ୍ଲିକ ଧର୍ମଘଟକୁ ସମର୍ଥନ କରିବା ପାଇଁ ଏକ ପ୍ରେସନୋଟରେ ପ୍ରକାଶ କରିଛନ୍ତି। ଓଡ଼ିଶା ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତି, ଅଖିଳ ଭାରତ ରାଜ୍ୟ ସରକାରୀ କର୍ମଚାରୀ ମହାସଂଘର ଏକ ସହବନ୍ଧିତ ସଂଗଠନ। ମହାସଂଘର ଆହ୍ୱାନକ୍ରମେ ଜାନୁୟାରୀ ୮ ତାରିଖ ନିମ୍ନୋକ୍ତ ୧୦ ଦଫା ଦାବି ଉପରେ ହେଉଥିବା ମିଳିତ ସର୍ବଭାରତୀୟ ଧର୍ମଘଟରେ ସାମିଲ ହେବା ପାଇଁ ନିଷ୍ପତି ଗ୍ରହଣ କରିଛି ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଖାଲି ସ୍ଥାନରେ ସ୍ଥାୟୀନିଯୁକ୍ତି, ସଚିବାଳୟ ଭଳି ରାଜ୍ୟର ସମସ୍ତ ନିଯୁକ୍ତିକୁ ସ୍ଥାୟୀ ଭାବରେ ପ୍ରଦାନ, ବର୍ଦ୍ଧିତ ଦରମାର ଗଚ୍ଛିତ ଅବଶିଷ୍ଟ ୬୦% ଅର୍ଥ ତୁରନ୍ତ ପ୍ରଦାନ କରିବା, ୨୦୧୬ ଜାନୁୟାରୀ ଠାରୁ କେନ୍ଦ୍ର ଅନୁରୂପ ସଂଶୋଧିତ ଘରଭଡ଼ା ଭତା ପ୍ରଦାନ, ୨୦୧୯ ଜୁଲାଇରୁ କେନ୍ଦ୍ର ଅନୁରୂପ ୫୦% ମହଙ୍ଗା ଭତା ମଞ୍ଜୁର କରିବା, ସ୍ୱଦେୟ ପେନସନ ବ୍ୟବସ୍ଥା ଅବିଳମ୍ବେ ବାତିଲ କରି ସ୍ବୀକୃତ ପେନସନ ଦେବା, ଜିଲ୍ଲାସ୍ତରୀୟ ଅମଲାମାନଙ୍କ ସଂଶୋଧିତ ଶିକ୍ଷାଗତ ଯୋଗ୍ୟତା ଓ ପଦବୀ ପରିବର୍ତନକୁ ଦୃଷ୍ଟିରେ ରଖି ଦରମା ସଂଶୋଧନ କରିବା, ସର୍ବନିମ୍ନ ଦରମା କେନ୍ଦ୍ର ଅନୁରୂପ ୧୮୦୦୦ ଟଙ୍କା କରିବା ସହ କ୍ୱାଲିଫାଇଙ୍ଗ ସର୍ଭିସ ୨୦ ବର୍ଷ କରିବା, କଂଟ୍ରାକଚୁଆଲ, ଏନଏଚଏମ, ଅସ୍ଥାୟୀ ଛଟେଇ ୱାର୍କଚାର୍ଜଡ଼ କର୍ମଚାରୀମାନଙ୍କୁ ବିନା କଟକଣାରେ ସ୍ଥାୟୀ ନିଯୁକ୍ତି ପ୍ରଦାନ, ଆକାଶ ଛୁଆଁ ଦର ବୃଦ୍ଧି ନିୟନ୍ତ୍ରଣ କରି ଗଣ ବଂଟନ ବ୍ୟବସ୍ଥାକୁ ସାର୍ବଜନୀନ କରିବା ଓ ଘରୋଇକରଣ ବନ୍ଦ କରିବା। ଉପରୋକ୍ତ ଦାବିଗୁଡ଼ିକ ଉପରେ ୨୪.୯.୨୦୧୯ ତାରିଖ ଭୁବନେଶ୍ୱର ଠାରେ ଅନୁଷ୍ଠିତ ହୋଇଥିବା କର୍ମଚାରୀ ସମାବେଶରୁ ମୁଖ୍ୟମନ୍ତ୍ରୀ ସ୍ମାରକ ପତ୍ର ପ୍ରଦାନ କରାଯାଇ ସମାଧାନ କରିବା ପାଇଁ ନିବେଦନ କରାଯାଇଥିଲା। ବାରମ୍ବାର ସଂଘ ତରଫରୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ ସରକାରଙ୍କ ନୀରବତା ଲକ୍ଷ ଲକ୍ଷ କର୍ମଚାରୀଙ୍କୁ ବ୍ୟଥିତ କରିଛି ଓ କର୍ମଚାରୀଙ୍କ ମଧରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ରାଜ୍ୟ ସରକାରଙ୍କ ଏତାଦୃଶ ମନୋଭାବ ଓ କେନ୍ଦ୍ର ସରକାରଙ୍କ ଲଗାମହୀନ ଘରୋଇକରଣ ପ୍ରକ୍ରିୟା, ଆର୍ଥିକ ମାନ୍ଦା ଅବସ୍ଥା, ଆକାଶଛୁଆଁ ଦରବୃଦ୍ଧିକୁ ନିୟନ୍ତ୍ରଣ କରିବାରେ ହୋଇଥିବା ବିଫଳତା ବିରୁଦ୍ଧରେ ଦେଶର ସମସ୍ତ ଶ୍ରମିକ କର୍ମଚାରୀମାନଙ୍କ ପକ୍ଷରୁ ହେବାକୁ ଯାଉଥିବା ଜାନୁୟାରୀ ୮, ୨୦୨୦ ସାଧାରଣ ଧର୍ମଘଟକୁ ସମର୍ଥନ କରିବା ସହ ଏଥିରେ ସାମିଲ ହେବା ନିମନ୍ତେ ଅଖିଳ ଭାରତ ରାଜ୍ୟ ସରକାରୀ କର୍ମଚାରୀ ମହାସଂଘ ଆହ୍ୱାନ ଦେଇଥିବା ବିଷୟ ଓ ମହାରାଷ୍ଟ୍ରର ପୁନେରେ ଡ଼ିସେମ୍ବର ୨୮ରୁ ୩୦ରେ ହେବାକୁ ଥିବା ଅଖିଳ ଭାରତ ରାଜ୍ୟ ସରକାରୀ କର୍ମଚାରୀ ମହାସଂଘର ନ୍ୟାସନାଲ କାଉନସିଲ ମିଟିଙ୍ଗରେ ଓଡ଼ିଶା ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତି ତରଫରୁ ୨୬ଜଣ ପ୍ରତିନିଧି ଯୋଗଦେବେବୋଲି ଅରୁଣ କୁମାର ବଳିଆର ସିଂହ, ସଦାନନ୍ଦ ବେହେରା, ସୁଜିତ କୁମାର ବେହେରା, ଦେବେନ୍ଦ୍ର ଜଗନ୍ନାଥ ନାୟକ, ମହେଶ ପଟ୍ଟନାୟକ, ବସନ୍ତ ବେହେରା, ବାବୁରାମ ପାତ୍ର, ଆନ୍ନା ସୋରେଙ୍ଗ, ଲଳିତ ଲକ୍ଷ୍ମୀକାନ୍ତ ଦାସ, ବୃନ୍ଦାବନ ଜେନା, ଶ୍ରୀମତୀ ଶେଫାଳି ଦାସ, ବିକାଶ ଚନ୍ଦ୍ର ମହାପାତ୍ର, ସହସ୍ରନାମ ପାଠୀ, ନିରଞ୍ଜନ ପାତ୍ର, ଶିବରାମ ବେହେରା ଓ ବ୍ରଜବନ୍ଧୁ ପରିଡ଼ା ପ୍ରମୁଖ ରାଜ୍ୟ ନେତୃତ୍ୱମାନେ ଉପସ୍ଥିତ ଥିବା ଅଫିସ ସମ୍ପାଦକ କାହ୍ନୁଚରଣ ମଲ୍ଲିକ ଜଣାଇଛନ୍ତି।

## ବ୍ରହ୍ମପୁର ଉତ୍କଳ ବାଳାଶ୍ରମରୁ ୧୩ ନାବାଳିକା ନିଖୋଜ ପ୍ରସଙ୍ଗ : ଉଚ୍ଚସ୍ତରୀୟ ତଦନ୍ତ ଦାବି କଲା ରାଜ୍ୟ କଂଗ୍ରେସ

ଭୁବନେଶ୍ୱର, ୭।୧(ପି.ଏନ):- ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ବ୍ରହ୍ମପୁର ନିକଟସ୍ଥ ଉତ୍କଳ ବାଳାଶ୍ରମରେ ୧୩ ଜଣ ନାବାଳିକା ଗତକାଲି ନିଖୋଜ ଘଟଣା ରାଜ୍ୟବାସୀଙ୍କ ମନରେ ନାନାଦି ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଗତ ୧ ବର୍ଷ ମଧ୍ୟରେ ଗଞ୍ଜାମ ଜିଲ୍ଲାରେ ପ୍ରାୟ ୩୮ ଜଣ ନାବାଳିକା ନିଖୋଜ ଘଟଣା ରାଜ୍ୟବାସୀଙ୍କୁ ବ୍ୟଥିତ କରିଛି। ଓଡିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଆଜି ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧକ୍ଷା ସୁଶ୍ରୀ ସନ୍ଧ୍ୟାବତୀ ପ୍ରଧାନଙ୍କୁ ସାକ୍ଷାତ କରିବା ସହ ଅବିଳମ୍ବେ ଅଧକ୍ଷା ଘଟଣାସ୍ଥଳ ଗସ୍ତ କରି ରାଜ୍ୟବାସୀଙ୍କ ଆଗରେ ଉକ୍ତ ଘଟଣାର ସବିଶେଷ ତଥ୍ୟର ଖୁଲାସା କରିବାକୁ କଂଗ୍ରେସ ପ୍ରତିନିଧିମଣ୍ଡଳୀମାନେ ଦୃଢ଼ ଦାବି କରିଛନ୍ତି। ଉକ୍ତ କଂଗ୍ରେସ ପ୍ରତିନିଧି ମଣ୍ଡଳୀରେ ଶ୍ରୀମତୀ ରଶ୍ମି ମହାପାତ୍ର, ବିଣାପାଣି ସାମଲ, ସ୍ୱାଧିନବାଳା ଦାସ, ଶ୍ରିୟାସ୍ମିତା ପଣ୍ଡା, ସିପ୍ରା ସେନାପତି, ସତ୍ୟପ୍ରକାଶ ନାୟକ, ପଦ୍ମାକର ଗୁରୁ, ନରେଶ ମହାନ୍ତି, ରଜନୀ ମହାନ୍ତି ଓ ଦୀପକ ମହାପାତ୍ର ଉପସ୍ଥିତ ଥିଲେ।ଗୋଟିଏ ଦିନରେ ଗୋଟିଏ ବାଳାଶ୍ରମରୁ ୧୩ ଜଣ ନାବାଳିକା ନିଖୋଜ ହେବା ଏବଂ ପ୍ରାୟ ୨୪ ଘଂଟା ବିତିଯାଇଥିଲେ ମଧ ପୋଲିସ କୌଣସି ସୁରାକ ପାଉନଥିବା ଘଟଣା ଦର୍ଶାଉଛି ଯେ ବାଳାଶ୍ରମଗୁଡିକରେ ରହୁଥିବା ନାବାଳକ ଓ ନାବାଳିକାମାନଙ୍କର ସୁରକ୍ଷା କେତେ ବିପନ୍ନ। ପ୍ରତ୍ୟେକ ବର୍ଷ ରାଜ୍ୟରେ ଯେଉଁଭଳି ଶତାଧିକ ନାବାଳକ ଓ ନାବାଳିକା ନିଖୋଜ ହେଉଛନ୍ତି ଏହା ପଛରେ ଏକାଧିକ ଶିଶୁ ଚାଲାଣ ର୍ୟାକେଟ୍ ସକ୍ରୀୟ ଭାବରେ କାର୍ଯ୍ୟ କରୁଛି ବୋଲି କଂଗ୍ରେସ ନେତା ସତ୍ୟ ପ୍ରକାଶ ନାୟକ ଏକ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛନ୍ତି। ଜିଲ୍ଲା ପ୍ରଶାସନ ଓ ପୋଲିସ ବିଭାଗର କିଛି ଅଧିକାରୀଙ୍କ ସଲାସୁତୁରାରେ ଏହି ର୍ୟାକେଟ୍ କାର୍ଯ୍ୟ କରୁଛି ବୋଲି ଶ୍ରୀ ନାୟକ କହିଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ବିଗତ ୧ ବର୍ଷ ମଧ୍ୟରେ କେବଳ ଗଞ୍ଜାମ ଜିଲ୍ଲାରେ ୭ଟି ବିଭିନ୍ନ ବାଳାଶ୍ରମରୁ ୩୮ ଜଣ ନାବାଳିକା ନିଖୋଜ ହୋଇଛନ୍ତି। ଆହୁରି ଦୁର୍ଭାଗ୍ୟଜନକ ଯେ ଦୁଇଜଣ ନାବାଳିକା ଆତ୍ମହତ୍ୟା କରିଛନ୍ତି। ଏଭଳି ଅଭାବନୀୟ ଘଟଣା ବାରମ୍ବାର ଘଟୁଥିବା ସତ୍ତ୍ୱେ କୌଣସି ଅଧିକାରୀ ବା ବାଳାଶ୍ରମ କର୍ତ୍ତୃପକ୍ଷଙ୍କ ବିରୋଧରେ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନିଆ ନଯିବା ଘଟଣା ଜିଲ୍ଲା ଓ ରାଜ୍ୟ ପ୍ରଶାସନର ଖାମଖିଆଲି ନୀତିକୁ ଦର୍ଶାଉଛି ବୋଲି ଶ୍ରୀ ନାୟକ ଅଭିଯୋଗ କରିଛନ୍ତି। ୨୦୧୬ ସେପ୍ଟେମ୍ବର ଠାରୁ ଆଜିଯାଏଁ ରାଜ୍ୟରେ ୬୫୭୯ ଜଣ ନାବାଳକ ଓ ନାବାଳିକା ନିଖୋଜ ହୋଇଛନ୍ତି ବୋଲି ସରକାରୀ ସୂତ୍ର କହୁଛି। ଏଥିରୁ ୫୦୨୮ ଜଣ ହେଉଛନ୍ତି କେବଳ ନାବାଳିକା। ଏଭଳି ଅଭାବନୀୟ ଓ ହୃଦୟବିଦାରକ ତଥ୍ୟ ପ୍ରମାଣ କରୁଛି ଯେ ରାଜ୍ୟରେ ଅନାଥ ଓ ବିପନ୍ନ ଶିଶୁମାନଙ୍କର ଏକାଧିକ ଚାଲାଣ ର୍ୟାକେଟ୍ ସକ୍ରୀୟ ଭାବରେ କାର୍ଯ୍ୟ କରୁଛି ବୋଲି କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ନବୀନ ବାବୁଙ୍କ କାର୍ଯ୍ୟକାଳରେ ପ୍ରଶାସନିକ ଅବହେଳା ଯୋଗୁଁ ଶିଶୁ ନିଖୋଜ ଘଟଣାରେ ସମଗ୍ର ପୂର୍ବୋତର ରାଜ୍ୟମାନଙ୍କ ମଧ୍ୟରେ ଓଡିଶାର ସ୍ଥାନ ଦୁଇ ନମ୍ବର ଯାହାକି ଅତ୍ୟନ୍ତ ଲଜ୍ଜାଜନକ ଓ ଦୁର୍ଭାଗ୍ୟଜନକ ବୋଲି ଶ୍ରୀ ନାୟକ କହିଛନ୍ତି। ଉତ୍କଳ ବାଳାଶ୍ରମରେ ହୋଇଥିବା ୧୩ ଜଣ ନାବାଳିକା ଘଟଣାର ତୁରନ୍ତ ଏକ ଉଚ୍ଚ ସ୍ତରୀୟ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ରାଜ୍ୟ ସରକାରଙ୍କ ନିକଟରେ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ରଶ୍ମି ମହାପାତ୍ର, ପଦ୍ମାକର ଗୁରୁ, ରଜନୀ ମହାନ୍ତି, ନରେଶ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରଦ୍ଧାଞ୍ଜଳି



✓ ମହେଶ୍ୱର ପଣ୍ଡା

ଭୂଇଁପୁର,ଆଳି, କେନ୍ଦ୍ରାପଡ଼ା

ଆବିର୍ଭାବ: ୨୪.୪.୧୯୩୪

ତିରୋଧାନ : ୨୮.୧୨.୨୦୧୯

**ଆଜି ଦ୍ୱାଦଶାହରେ ଆମେ ସମସ୍ତେ ତୁମ ଅମର ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ। ଈଶ୍ୱରଙ୍କୁ ଆନ୍ତରିକ ପ୍ରାର୍ଥନା କରୁଛୁଁ ଆପଣଙ୍କ ଆତ୍ମା ପରମ ଶାନ୍ତି ଓ ସଦ୍‌ଗତି ଲାଭ କରୁ ।**

ପୁତ୍ର–ଡାକ୍ତର ମନୋରଞ୍ଜନ ପଣ୍ଡା, ସୌମ୍ୟରଞ୍ଜନ ପଣ୍ଡା, ପୁତ୍ର ବଧୂ- କଲ୍ୟାଣୀ ମିଶ୍ର, ତନ୍ନି ବୋଷ, କନ୍ୟା- ସନ୍ଧ୍ୟାରାଣୀ ରଥ, ଇଂ. ତପସ୍ୱିନୀ ପଣ୍ଡା, ଜାମାତା - ନାରାୟଣ ରଥ, ଇଂ. ଦେବଦଈ ପଣ୍ଡା, ନାତି-ନାତୁଣୀ - ଲକି, ହାପି, ରିକି, ଆଲ୍‌ଫା, ଲିପା, ବାବଜୀ ଓ ଚିକୁ, ନାତୁଣୀ ଜ୍ୱାଇଁ- ସୋନୁ ଓ ସିତୁ , ଆତ୍ମୀୟ ସ୍ୱଜନ ଓ ବନ୍ଧୁ ଓ ପରିବାରବର୍ଗ









# ଟି ଟାଇମ୍

## ପ୍ଲାଷ୍ଟିକ୍ ବେବି



ଏହି ବ୍ୟସ୍ତ ବହୁଳ ଜୀବନରେ ଜଣେ ସାଧାରଣ ବ୍ୟକ୍ତି ଠିକ୍ ଭାବରେ ଖାଦ୍ୟ ଖାଇବାକୁ ସମୟ ପାଉନଥିବା ବେଳେ ୮ବର୍ଷୀୟ ପିଲା ଖାଦ୍ୟ ଖାଇବା ଛାଡ଼ି ପ୍ଲାଷ୍ଟିକ୍ ଜିନିଷ ଖାଇ ଯାଉଛି । ୮ବର୍ଷର ଝିଅ ଜେସିକା ଓ୍ୱାକର, ପିକା ନାମକ ରୋଗରେ ପୀଡ଼ିତ । ଏହି ରୋଗରେ ଜେସିକା ପୌଷ୍ଟିକ ଆହାରକୁ ଛାଡ଼ି ଅନ୍ୟ ସବୁ କିଛି ଖାଇବାକୁ ଇଚ୍ଛା ହୋଇଥାଏ ଯାହା ଜଣେ ସାଧାରଣ ବ୍ୟକ୍ତି କେବେ ଖାଇନଥାଏ । ଜେସିକାର ମା’ ଲିଣ୍ଡସେ କହନ୍ତି ଯେତେବେଳେ ଜେସିକା ଛୋଟଥିଲେ ବାଲି, ମାଟି ଓ ମହମବତୀ ଖାଇଦେଉଥିଲେ । ଯଦି ପ୍ଲେଟରେ ମାଂସ ତରକାରି କିମ୍ବା ଅନ୍ୟ କୌଣସି ବ୍ୟଞ୍ଜନ ରଖାଯାଇଥାଏ ତେବେ ଜେସିକା ତାକୁ କେବେବି ଛୁଅନ୍ତି ନାହିଁ । ଝିଅର ଏଭଳି ସମସ୍ୟା ଦେଖି ତାଙ୍କ ମା’ ତାକୁ ବାଳ ସୁରକ୍ଷା ଗୃହରେ ଛାଡ଼ିଥିଲେ କିନ୍ତୁ ସେଠାରେ ମଧ୍ୟ ଏକା ପରିସ୍ଥିତି ଉପୁଜିଥିଲା । ଜେସିକା କଞ୍ଚା ପରିବା ଖାଆନ୍ତି, ଜିନିଷ ପତ୍ର ଉପରେ ଲାଗିଥିବା ର୍‍ୟାପ୍ ବା ଜରିକୁ ଖାଆନ୍ତି । ଡାକ୍ତରଙ୍କ କହିବା ଅନୁସାରେ ଜେସିକାଙ୍କର ଏହି ରୋଗ ଭିଟାମିନ୍‌ର ଅଭାବ କାରଣରୁ ହୋଇଥାଏ । ପାଞ୍ଚ ବର୍ଷ ହେବ ଜେସିକାଙ୍କର ଏହି ରୋଗ ହୋଇଥିଲେ ହେଁ ତାଙ୍କର ଚିକିତ୍ସା ଠିକ୍ ଭାବେ କରାଯାଇପାରୁନାହିଁ । ଏଥିପାଇଁ ଜେସିକାର ମା’ ବହୁତ ଚିନ୍ତିତ ଅଛନ୍ତି ।

## ଚା’ପତି ବଦଳରେ କୀଟନାଶକ, ୨ମୃତ



ଭଭୁଆ ବିହାରର କେମୁ ଜିଲା କୁଢନି ଥାନାରେ ବିଷାକ୍ତ ଚା’ ପିଇ ଦୁଇ ମହିଳାଙ୍କ ମୃତ୍ୟୁ ସହ ୬ଜଣ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେବା ଘଟଣାରେ ପ୍ରକୃତ ତଥ୍ୟ ପଦାକୁ ଆସିଛି । ଚା’ ତିଆରି ସମୟରେ ଭୁଲ ବଶତଃ ଚା’ ପତି ବଦଳରେ ପକାଯାଇଥିଲା କୀଟନାଶକ । ପୁଲିସର କହିବା ଅନୁସାରେ ସୋତବା ଗ୍ରାମର ଦଶବନ୍ତି ଦେବୀଙ୍କ ଘରକୁ ସୋମବାର କିଛି ଅତିଥି ଆସିଥିଲେ । ରାତ୍ର ଭୋଜନ ସରିବା ପରେ ସମସ୍ତଙ୍କ ପାଇଁ ଚା’ ତିଆରି ହୋଇଥିଲା । ହେଲେ ରୋଷେଇ ଘରେ ଥିବା କୀଟନାଶକକୁ ଚା’ ପତି ଭାବି ଜଣେ ମହିଳା ପକାଇ ଦେଇଥିଲେ । ଆଉ ଏହା ପିଇବା ପରେ ବିଳମ୍ବିତ ରାତିରେ ଦଶବନ୍ତି ଓ ତାଙ୍କ ଝିଅ ସୀତା କୁଅଁରଙ୍କ ମୃତ୍ୟୁ ହୋଇଥିଲା ।

# ପୁରାଣ କାହାଣୀ

## କୁଟୁମ୍ବେଶ୍ୱର ମହାଦେବଙ୍କ ମହାତ୍ମ୍ୟ



ସଂସାର ହିତ ଲାଗି ସୋମବତୀ ଅମାବାସ୍ୟା କୁଟୁମ୍ବେଶ୍ୱର ଲିଙ୍ଗଙ୍କୁ ଦର୍ଶନ କଲେ କୁଟୁମ୍ବ ବୃଦ୍ଧି ପାଇବା ସହ ସମସ୍ତ ପାପ ଦୂର ହୋଇଥାଏ । ରବିବାର, ସୋମବାର, ଅଷ୍ଟମୀ, ଚତୁର୍ଦ୍ଦଶୀ ତଥା ସୋମବତୀ ଦିନ ଶିପ୍ରା ନଦୀରେ ସ୍ନାନ କରି କୁଟୁମ୍ବେଶ୍ୱରଙ୍କୁ ଦର୍ଶନ କଲେ ସୁଫଳ ମିଳିଥାଏ । ଏହାସହ ସ୍କନ୍ଦ ପୁରାଣରେ କୁଟୁମ୍ବେଶ୍ୱରଙ୍କ ମହାତ୍ମ୍ୟ ବର୍ଣ୍ଣନା କରାଯାଇଛି । ଏକଦା ଦେବତା ଓ ରାକ୍ଷସ ସମୁଦ୍ର ମନ୍ଥନ କରୁଥିବା ବେଳେ ବିଷ ଉତ୍ପନ୍ନ ହେଲା । ଏହାଦେଖି ରାକ୍ଷସ ଓ ଦେବତାମାନେ ବିଚଳିତ ହୋଇ ଉଠିଲେ । ସେମାନେ ଭଗବାନ ଶିବଙ୍କ ନିକଟକୁ ଯାଇ ସମସ୍ତ କଥା ପ୍ରକାଶ କରି ବିଷକୁ ଦୂର କରିବା ଲାଗି ପ୍ରାର୍ଥନା କଲେ । ମହାଦେବ ସମସ୍ତ କଥା ଶୁଣିବା ପରେ ମୟୂର ରୂପ ଧାରଣ କରି ସେହି ବିଷକୁ ପାନ କରିବା ଦ୍ୱାରା ତାଙ୍କ କଣ୍ଠ ନୀଳ ପଡିଗଲା । କିନ୍ତୁ ମହାଦେବ ଏହି ବିଷକୁ ଦୂର କରିବା ଲାଗି ଶିପ୍ରା ନଦୀକୁ ଆଦେଶ ଦେଲେଯେ ଏହି ବିଷକୁ ନେଇ ସେ ମହାକାଳ ବଣରେ ଥିବା କାମେଶ୍ୱରସ୍ଥିତ ଏକ ଲିଙ୍ଗ ଉପରେ ଚଢ଼ାଇ ଦିଅ । ମା’ ଶିପ୍ରା ନଦୀ ଉକ୍ତ ବିଃକୁ ନେଇ ଲିଙ୍ଗ ଉପରେ ଢ଼ାଳିଦେଲେ । ବିଷର ପ୍ରଭାବରେ ଯେଉଁ ପ୍ରାଣୀ ତାଙ୍କୁ ଦର୍ଶନ କରୁଥିଲେ ସେମାନେ ମୋକ୍ଷ ପ୍ରାପ୍ତ କରୁଥିଲେ । କିଛି ବ୍ରାହ୍ମଣ ତୀର୍ଥ ଯାତ୍ରା କରିବା ଲାଗି ଏହି ଲିଙ୍ଗ ନିକଟକୁ ଆସି ଦର୍ଶନ କଲେ । ଦର୍ଶନ ଫଳରେ ସମସ୍ତ ବ୍ରାହ୍ମଣ ଦେହତ୍ୟାଗ କଲେ । ଏହାଦ୍ୱାରା ତାଙ୍କ କୁଟୁମ୍ବ ଲୋପ ପାଇବାକୁ ଲାଗିଲା । ଏହା ଦେଖି କିଛି ବ୍ରାହ୍ମଣ ତାଙ୍କ କୁଟୁମ୍ବକୁ ବଞ୍ଚାଇବା ଲାଗି ଭଗବାନ ଶିବଙ୍କୁ ପ୍ରାର୍ଥନା କଲେ । ଉକ୍ତ ପ୍ରାର୍ଥନାକୁ ସ୍ୱୀକାର କରି ମହାଦେବ କହିଲେ ରାଜା ଲକୁଳିଶ ଏହି ଲିଙ୍ଗଙ୍କୁ ଦର୍ଶନ କଲେ ବିଷର ପ୍ରଭାବ ଆପେ ଆପେ ଦୂର ହୋଇଯିବ । ଏହି ଲିଙ୍ଗଙ୍କୁ କୁଟୁମ୍ବେଶ୍ୱର କୁହାଯିବ କହି ମହାଦେବ ଅନ୍ତର୍ଦ୍ଧାନ ହୋଇଗଲେ । ସେବେଠାରୁ ଏହି ଲିଙ୍ଗର ନାମ କୁଟୁମ୍ବେଶ୍ୱର ରହି ଆସିଛି ।

## ୫୦୦ କୋଟି ବନାମ ୫୦୦ଟଙ୍କା



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିମୁଦ୍ରାକରଣ ନୀତି ସତ୍ତ୍ୱେ ଦେଶବାସୀ ଦେଖିଥିଲେ କର୍ଣ୍ଣାଟକର ପୂର୍ବତନ ମନ୍ତ୍ରୀ ତଥା ଖଣି ମାଲିକ ଜନାର୍ଦ୍ଦନ ରେଡ୍ଡୀଙ୍କ ଝିଅ ବ୍ରାହ୍ମଣୀଙ୍କ ୫୦୦ କୋଟିର ବିବାହ । ବିବାହ କାର୍ଡ, ପୋଷାକଠାରୁ ଆରମ୍ଭ କରି ଭୋଜିଭାତରେ ଖର୍ଚ୍ଚ ହୋଇଥିଲା କୋଟି କୋଟି ଟଙ୍କା । ଏବେ କିନ୍ତୁ ଦେଶବାସୀ ଏହି ନୀତିର ଅପରପାର୍ଶ୍ୱ ଦେଖିବାକୁ ପାଇଛନ୍ତି । ସାଧାରଣ ଜନତା ଏହି ନୀତି ଦ୍ୱାରା କେତେମାତ୍ରାରେ ପ୍ରଭାବିତ ହୋଇଛନ୍ତି ତାହାର ଜ୍ୱଳନ୍ତ ଉଦାହରଣ ସାଜିଛି ସୁରଟର ଦକ୍ଷା ପରମାର୍ ଓ ଭାରତ ମାରୁଙ୍କ ମାତ୍ର ୫୦୦ ଟଙ୍କାର ବିବାହ । ସୁରଟର ଏକ ଇଲେକଟ୍ରିସିଟି କମ୍ପାନୀରେ ଟେକ୍ନିସିଆନ ଭାବେ କାର୍ଯ୍ୟ କରୁଥିବା ରାଜ୍ ପରମାର୍ ନିଜ ଝିଅ ଦକ୍ଷାଙ୍କ ବିବାହ ଠିକ୍ କରିଥିଲେ କମ୍ପ୍ୟୁଟର ଇଁନିୟର ଭାରତ ମାରୁଙ୍କ ସହ । ଦୀପାବଳି ପୂର୍ବରୁ ଉଭୟ ପରିବାରର ମିଳାମିଶା ପରେ ବିବାହ ତାରିଖ ଦୀପାବଳି ପରେ ତଥା ନଭେମ୍ବର ୨୪କୁ ନିର୍ଦ୍ଧାରଣ କରାଯାଇଥିଲା । ଏହା ମଧ୍ୟ ସ୍ଥିର କରାଯାଇଥିଲା କି ଖୁବ୍ ଧୂମ୍‌ଧାମରେ ବିବାହ କରାଯିବ । ମାତ୍ର ୮ ତାରିଖରେ ୫୦୦ ଓ ୧୦୦୦ ଟଙ୍କିଆ ଅଚଳ ଉପରେ ଭାଷଣ ଶୁଣିବା ପରେ ଚିନ୍ତାରେ ଆସିଯାଇଥିଲେ ଉଭୟ ପରିବାର । ଜାକଜମକରେ କରିବାକୁ ଥିବା ବିବାହ ଆଶା ମଉଳି ଯାଇଥିଲା ସେମାନଙ୍କର । ନିର୍ଦ୍ଧାରିତ ତାରିଖ ପରିବର୍ତ୍ତେ ଅନ୍ୟ ତାରିଖରେ ବିବାହ କରିବା ପାଇଁ ଯୋଜନା କରିବାକୁ ଆରମ୍ଭ କରିଥିଲେ । କିନ୍ତୁ ସେହି ସମୟରେ ଦକ୍ଷା ଏକ ଉପାୟ ଚିନ୍ତା କରିଥିଲେ । ସେ ବିନା ଆଡମ୍ବରରେ ଭୋଜିରେ କେବଳ ଚା ଓ ପାଣିର ବ୍ୟବସ୍ଥା କରି ବିବାହ କରିବାର ପ୍ରସ୍ତାବ ପରିବାର ସଦସ୍ୟଙ୍କୁ ଦେଇଥିଲେ । ପ୍ରଥମେ ପରିବାର ଲୋକଙ୍କୁ ଦକ୍ଷାଙ୍କ ଏହି ପ୍ରସ୍ତାବ ଉଚିତ ଲାଗିନଥିଲା । କିନ୍ତୁ ବାରମ୍ବାର ବୁଝାଇବା ପରେ ସେମାନେ ରାଜି ହୋଇଥିଲେ । ପରେ ଉଭୟ ଦକ୍ଷା ଏବଂ ତାଙ୍କ ପରିବାର ସଦସ୍ୟ ମିଶି ଭାରତଙ୍କ ପରିବାର ଲୋକଙ୍କୁ ପ୍ରସ୍ତାବ ଦେଇଥିଲେ । ପ୍ରଥମେ ମଧ୍ୟ ଭାରତଙ୍କ ପରିବାର ଠାରୁ ଅନୁରୂପ ପ୍ରତିକ୍ରିୟା ମିଳିଥିଲା । ମାତ୍ର ପରେ ସେମାନେ ମଧ୍ୟ ରାଜି ହୋଇଯାଇଥିଲେ । କାରଣ ତାଙ୍କ ପାଇଁ ପିଲାମାନଙ୍କ ବିବାହ ଅଧିକ ଗୁରୁତ୍ୱ ରଖୁଥିଲା ସେଥିରେ ଖର୍ଚ୍ଚର ପରିମାଣ ନୁହେଁ । ଦୁଇ ପରିବାରର ସମ୍ମତିରେ ବିନା ଜାକଜମକରେ ବେଦ୍ ରୋଡ ଠାରେ ଥିବା ଏକ କମ୍ୟୁନିଟି ହଲ୍‌ରେ ଆୟୋଜିତ ହୋଇଥିଲା ବିବାହ । ସେଥିରେ କନ୍ୟାପକ୍ଷରୁ ପ୍ରାୟ ୫୦ ଜଣ ଓ ବର ପକ୍ଷରୁ ପ୍ରାୟ ୧୨୫ ରୁ ୧୫୦ ଜଣ ନିମନ୍ତ୍ରିତ ଅତିଥି ଯୋଗ ଦେଇଥିଲେ । ସମସ୍ତ ଅତିଥିଙ୍କୁ ଭୋଜିରେ ଦିଆଯାଇଥିଲା ଗୋଟିଏ ଗ୍ଲାସ ପାଣି ଓ କପେ ଚା । ଏପରି ବିବାହରେ ଅତିଥି ମାନେ ମଧ୍ୟ ପୂର୍ଣ୍ଣ ସମର୍ଥନ ଜଣାଇଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦକ୍ଷା ଓ ଭାରତଙ୍କ ଏହି ବିବାହକୁ ପ୍ରଶଂସା କରିଛନ୍ତି । ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ସେ କହିଛନ୍ତି ମୁଁ ଚାଏ ପେ ଚର୍ଚ୍ଚା ଆରମ୍ଭ କରିଥିଲି କିନ୍ତୁ ଏହି ଚା ଏବେ ବିବାହ ମଣ୍ଡପରେ ପହଞ୍ଚି ଗଲାଣି ଜାଣି ଖୁସି ଲାଗୁଛି ।

## ଲାଭଦାୟକ ୱେବ୍‌ସାଇଟ୍



ଅନ୍‌ଲାଇନ୍ ସପିଂର ମଜା ଯିଏ କରିଛି ସିଏ ଜାଣିଛି । ଗୋଟିଏ କ୍ଲିକ୍‌ରେ ଜିନିଷ ପାଖରେ ଆସି ହାଜର ହୋଇଯାଏ । ନା ମୁଲେଇ କରିବାକୁ ପଡ଼ିଥାଏ ନା ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ । କଥାରେ କହନ୍ତି ବାପାମା’ଙ୍କୁ ଛାଡ଼ିଦେଇ ସବୁକିଛି ଇଣ୍ଟରନେଟ୍‌ରେ ଉପଲବ୍ଧ । କିନ୍ତୁ ଆଜି ଆପଣଙ୍କୁ ଆମେ ଏପରି ଏକ ୱେବ୍‌ସାଇଟ୍ ବିଷୟରେ ଜଣାଇବୁ ଯେଉଁଥିରୁ ଆପଣ ଯାହା ଚାହିଁବେ ତାହା କିଣିପାରିବେ । ଜାପାନର ଏକ ୱେବ୍‌ସାଇଟ୍ ନ୍ତରେଣ୍ଟଏବାଇଫଅଟୋବା ଡଟ୍ କମ୍’ରେ ଆପଣଙ୍କୁ ଅନ୍ତଃବସ୍ତ୍ରଠାରୁ ଆରମ୍ଭ କରି ମା-ବାପା, ପତି-ପତ୍ନୀ ଏବଂ ପିଲା ମଧ୍ୟ ଭଡ଼ାରେ ମିଳିଥାନ୍ତି । ବର୍ତ୍ତମାନ ଜାପାନରେ ଏହି ୱେବ୍‌ସାଇଟ୍ ଅନେକ ଲୋକପ୍ରିୟ ହୋଇଗଲାଣି । ଏହି ୱେବ୍‌ସାଇଟ୍‌ଟି ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇବା ପାଇଁ ଗ୍ରାହକମାନଙ୍କଠାରୁ ମୋଟା ପରିମାଣର ଅର୍ଥ ନେଇଥାଏ । ଜାଣିରଖନ୍ତୁ ଏହି ୱେବ୍ ସାଇଟ୍‌ରେ କ’ଣ ସବୁ ମିଳୁଛି ? ଯଦି ଆପଣ ଏକଲା ଅଛନ୍ତି ତେବେ ଏହି ୱେବ୍‌ସାଇଟ୍‌ଟି ଆପଣଙ୍କ ଏକୁଟିଆପଣ ଦୂର କରିବା ପାଇଁ ଗ୍ରାହକଙ୍କ ଇଚ୍ଛା ମୁତାବକ ପୁରୁଷ କିମ୍ବା ସ୍ତ୍ରୀ ବନ୍ଧୁ ମଧ୍ୟ ଉପଲବ୍ଧ କରେଇଥାଏ । ଏଠାରେ ଆପଣଙ୍କୁ ଭଲ ପାଉଥିବା ମାତା-ପିତା ମଧ୍ୟ ମିଳିଥାନ୍ତି । ଏହା ବ୍ୟତୀତ ଏହା ଏପରି ଏକମାତ୍ର ୱେବ୍‌ସାଇଟ୍ ଯାହା ଅନ୍ତଃବସ୍ତ୍ରକୁ ଭଡ଼ାରେ ଦେଇଥାଏ । ଯଦି ଆପଣ ଆପଣଙ୍କର ବୋରିଂନେସ୍‌କୁ ଦୂର କରିବାକୁ ଚାହୁଁଛନ୍ତି ତେବେ ଆବଶ୍ୟକ ହେଲେ ଏକ ଛୋଟ ସୁନ୍ଦର ଶିଶୁ ସହିତ ମଧ୍ୟ ସମୟ ଅତିବାହିତ କରିପାରିବେ । ଯଦି ଆପଣଙ୍କ ପାଖରେ ସମୟ ନାହିଁ କିମ୍ବା ଆପଣ ପିଲାଙ୍କ ସ୍କୁଲ ଘରପାଠ କରିବାରେ ସାହାଯ୍ୟ କରି ପାରୁନାହାନ୍ତି ତେବେ ଏହି ୱେବ୍‌ସାଇଟଟି ଆପଣଙ୍କ ପାଇଁ ଏପରି ଏକ ବ୍ୟକ୍ତି ଠିକ୍ କରିଦେବେ ଯିଏ ଆପଣଙ୍କ ପିଲାର ଘରପାଠ କରିବାରେ ମଧ୍ୟ ସାହାଯ୍ୟ କରିବ ।

# ଆଜିର ଭାଗ୍ୟ

**ମେଷ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ । ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ । ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ । ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ ।

**ବୃଷ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି । ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନ କରିବେ । ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ । ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ ।

**ମିଥୁନ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ । ଆନୁଷ୍ଠାନିକ କାମରେ ସଫଳତା ପାଇବେ । ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ । ପରିବହନରେ ଉନ୍ନତି କରିବେ । ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ ।

**କର୍କଟ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ । ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି । ସ୍ଥଗିତ କାମକୁ ତ୍ୱରାନିତ କରିବେ । ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ । ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି ।

**ସିଂହ** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ । ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ । ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ ।

**କନ୍ୟା** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ । ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ । ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ ।

**ତୁଳା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ । ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ । ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ । ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ ।

**ବିଛା** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ । କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି । ବକେୟା ଟଙ୍କା ମିଳିବାର ଯୋଗ ରହିଛି । ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ ।

**ଧନୁ** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ । ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ । ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ । ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ ।

**ମକର** — ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ । ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ । ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ ।

**କୁମ୍ଭ** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ । ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ । ମହିଳାମାନେ ଅଶାନ୍ତି ରହିବେ ।

**ମୀନ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ । ଶାରୀରିକ ଅସୁସ୍ଥତା ଫେରି ପାଇବ । ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ । ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ମହିଳାଙ୍କ ମନୋବଳ ଦୃଢ଼ ରହିବ ।

## ମୃତ୍ୟୁକୁ ନେଇ ଆତଙ୍କ



ଭୟଙ୍କର ଗାଁ ନାମ ଶୁଣିବା କ୍ଷଣି ମନରେ ଅନେକ ପ୍ରଶ୍ନ ଉଙ୍କି ମାରେ । କ’ଣ ପାଇଁ ଗାଁର ଏପରି ବିଚିତ୍ର ନାମ ରହିଛି ? ଏହା ପଛରେ ରହସ୍ୟ କ’ଣ ଜାଣିବାକୁ ମଧ ଜିଜ୍ଞାସା ଯାତ ହୋଇଥାଏ । ପଙ୍ଖାପୁରର ବଡଗାଓଁ ଭୟଙ୍କର ଗ୍ରାମ ଭାବେ ପ୍ରସିଦ୍ଧ । ଏହି ଗ୍ରାମରେ ଆଜିକୁ ୨୨ ବର୍ଷ ତଳେ ଜଣେ ବ୍ୟକ୍ତିର ମୃତ୍ୟୁ ଘଟିଥିଲା । ବାଶ୍ ତା’ ପରେ ବିଗତ ୨୨ ବର୍ଷର ଠାରୁ ପ୍ରତି ଦଶ ଦିନ ଅନ୍ତରରେ ପ୍ରତ୍ୟେକଙ୍କ ଘରୁ ଜଣେ ଲେଖାଏଁ ସଦସ୍ୟଙ୍କର ମୃତ୍ୟୁ ହେବାରେ ଲାଗିଛି । ଗ୍ରାମବାସୀମାନେ କେବଳ ଚିନ୍ତାରେ ରହିଥାନ୍ତି ଯେ, କାହାର ମୃତ୍ୟୁ ଘଟିଲା ଏବଂ ଏବେ ଆଉ କାହାର ପାଳି ପଡିବ । ଏହାକୁ ଗ୍ରାମବାସୀଙ୍କ ଦୁର୍ଭାଗ୍ୟ କୁହାଯିବ ନା ଅନ୍ଧବିଶ୍ୱାସ ନା ଆଉ କିଛି ? ବରିଷ୍ଠ ବ୍ୟକ୍ତି, ଡାକ୍ତର ଓ ଶିକ୍ଷକ ଏସବୁ ବିଶ୍ୱାସ କରିବାକୁ ବାଧ । କିଛି ରୋଗ ନଥାଇ ଆଖି ସାମନାରେ ଭଲ ଲୋକଙ୍କର ଏଠାରେ ମୃତ୍ୟୁ ହେବାରେ ଲାଗିଛି ।




# ସୁସ୍ଥ ହୃଦୟ: ହୃଦ୍‌ରୋଗକୁ ନେଇ କିଛି କଥା

ଆମ ପ୍ରତ୍ୟେକଙ୍କର ଜୀବନ ହୃଦୟକୁ ନେଇ। ହୃଦୟ ଖୁସି ହୋଇପାରେ, ଦୁଃଖିତ ବି, ଯନ୍ତ୍ରଣା ବି ପାଇପାରେ ଆଉ ମୁର୍ମୁଷୁବି। ଜୀବନ ସଞ୍ଚାରରେ ହୃତ୍‌ପିଣ୍ଡ ନରହିଲେ ମଣିଷ ଜୀବନର ଗଠନ ହିଁ ନାହିଁ। ଆଜିର ସମୟରେ ସବୁଠାରୁ ଯନ୍ତ୍ରଣା, ସବୁଠାରୁ ହାତ ପାହାନ୍ତାର ରୋଗ ହେଉଛି ହୃଦ୍‌ରୋଗ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ତଥ୍ୟ ଅନୁଯାୟୀ ପ୍ରତି ବର୍ଷ ପାଖାପାଖି ୧କୋଟି ୭୦ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ଅସ୍ୱାଭାବିକ ହୃଦ୍‌ରୋଗ ଶିକାରରେ ସେମାନଙ୍କ ପ୍ରାଣବାୟୁ ଉଡିଯାଉଛି। ଯାହାର ବଡ଼ କାରଣ ହେଉଛି ଶାରୀରିକ ପରିଶ୍ରମର ଅଭାବ, ଧୂମ ଓ ନିଶା ସେବନ, ମାନସିକ ଚାପ, ଖାଦ୍ୟପେୟ ଓ ବିଶ୍ରାମର ଅନିୟମିତତା। ହୃଦ୍‌ରୋଗ ହେଉଛି ମୁଖ୍ୟତଃ ଚାରିପ୍ରକାରର। ହୃତ୍‌ପିଣ୍ଡ ଧମନୀରେ ରକ୍ତପ୍ରବାହରେ ବାଧା ହୋଇ ସୃଷ୍ଟି ହୋଇଥିବା ହୃଦରୋଗ, ଜନ୍ମଗତ ହୃଦ୍‌ରୋଗ, ରକ୍ତଚାପ ଜନିତ ହୃଦ୍‌ରୋଗ ଓ ଆଣ୍ଠୁଗଣ୍ଠି ବାତ ଜନିତ ହୃଦ୍‌ରୋଗ। ବର୍ତ୍ତମାନର ଅବ୍ୟବସ୍ଥିତ ଜୀବନଶୈଳୀ, କର୍ମଚାପ ଭିତରେ ଖାଦ୍ୟ ଓ ବିଶ୍ରାମର ଅଭାବ ଏହାର ମୁଖ୍ୟ କାରଣ। ଏହାସହ ନିଶା ସେବନ ଅନ୍ୟ ଏକ କାରଣ ଏବଂ କର୍ମ ଓ ବ୍ୟସ୍ତତା ଅନୁଯାୟୀ ନିଦ୍ରା ଅଭାବରୁ ରକ୍ତଚାପ, ବହୁମୂତ୍ର, ଓଜନ ବଢ଼ିବା ଏବଂ ମାନସିକ ଅବସାଦରୁ ହୃଦ୍‌ରୋଗର ସମ୍ଭାବନା ବଢ଼ିଯାଏ। ଛାତିର ଠିକ୍ ମଝିରେ ହୃଦୟର ସ୍ଥାନ। ଏହାର ଡାହାଣ ଭାଗ କେବଳ ଫୁସ୍‌ଫୁସ୍‌କୁ ରକ୍ତ ଯୋଗାଏ ଓ ବାମ ଭାଗ ଶରୀରର ଅବଶିଷ୍ଟ ଅଙ୍ଗକୁ ରକ୍ତ ପ୍ରବାହିତ କରିଥାଏ। ଜଣେ ବଡ଼ ଲୋକର ହୃଦୟର ଓଜନ ପାଖାପାଖି ୩୫୦ଗ୍ରାମ ଯାହାକି ୧୨ସେଣ୍ଟିମିଟର ଲମ୍ବ ଓ ୮ ସେଣ୍ଟିମିଟର ଚଉଡା। ଏକ ମିନିଟରେ ହୃଦୟଟି ୭୨ଥର ଭାବରେ ଦିନରେ ୧,୦୩,୬୮୦ଥର ସ୍ପନ୍ଦିତ ହୋଇଥାଏ। ବର୍ତ୍ତମାନ ସମୟରେ ଅଧିକାଂଶ ଯୁବବର୍ଗ ଏହି ହୃଦ୍‌ରୋଗର ଶିକାର ହେଉଛନ୍ତି। ଏହା ହିଁ ଆଜିର ସମୟରେ ବହୁତ ବଡ଼ ସମସ୍ୟା। ଅନ୍ତତଃ ପକ୍ଷେ ମାସକୁ ଥରେ ଉପବାସ ରହିବା ଦ୍ୱାରା ହୃଦ୍‌ଘାତ ଆଶଙ୍କା ହ୍ରାସ ପାଏ। ଅଲିଭ ତେଲ ହୃତ୍‌ପିଣ୍ଡଜନିତ ସମସ୍ୟା ହ୍ରାସ କରିପାରେ। ଅଲିଭ ତେଲରେ ଥିବା କାରକ ବିରୋଧୀ ବା ଆଣ୍ଟି ଅକ୍ସିଡାଣ୍ଟ ପଲିଫିନଲ୍ ହିଁ ଏଥିପାଇଁ ଦାୟୀ। ଏହା ଅଲିଭ ତେଲ ବ୍ୟତୀତ ଅନ୍ୟ କୌଣସି ବୀଜରୁ ପ୍ରସ୍ତୁତ ତୈଳରୁ ମିଳି ନଥାଏ। ହଳଦୀରେ ଥିବା କୁର୍ଜମିନ ନାମକ ଔଷଧୀୟ ପଦାର୍ଥ ହୃଦ୍‌ରୋଗରୁ ରକ୍ଷା କରିଥାଏ। ବର୍ଷକୁ ଅନ୍ତତଃ ଦୁଇଥର ରକ୍ତଦାନ ଦ୍ୱାରା ହୃଦ୍‌ରୋଗର ଆଶଙ୍କାକୁ କମ୍ କରିହେବ। ଶରୀରରେ ଲୌହ ପରିମାଣ ଅଧିକ ହେଲେ ଏହା କ୍ରମେ ଜମାଟି ବାନ୍ଧି ରକ୍ତ ଧମନୀର କ୍ଷତି ପହଞ୍ଚାଇଥାଏ। ଏହାଦ୍ୱାରା ରକ୍ତ ପ୍ରବାହ ବାଧା ପାଇ ଭବିଷ୍ୟତରେ ହୃଦ୍‌ରୋଗର କାରର ହୋଇଥାଏ। ତେବେ ରକ୍ତଦାନ କରିବା ଦ୍ୱାରା ଶରୀରରେ ଥିବା ଅତିରିକ୍ତ ଲୌହ ବା ଆଇରନ ଅଂଶ ନିର୍ଗତ ହୋଇଯାଇଥାଏ। ଚାପମୁକ୍ତ ସନ୍ତୁଳିତ ଜୀବନଶୈଳୀ ଅନେକ ରୋଗରୁ ରକ୍ଷା କରିଥାଏ। ଏହାକୁ ଅନୁସରଣ କରନ୍ତୁ। ନିଶାଦ୍ରବ୍ୟ ସେବନଠାରୁ ଦୂରେଇ ରୁହନ୍ତୁ। ଏହା ହୃଦ୍‌ରୋଗକୁ ଆମନ୍ତ୍ରଣ କରିଥାଏ। ପ୍ରତିଦିନ କିଛି ସମୟ ବ୍ୟାୟାମ କରିବା ଦ୍ୱାରା ହୃଦ୍‌ଘାତରୁ ରକ୍ଷା ମିଳିପାରିବ। ତେଣୁ ଦୈନନ୍ଦିନ ଜୀବନଶୈଳୀରେ ବ୍ୟାୟାମକୁ ସାମିଲ କରନ୍ତୁ। ଦୈନିକ ଅତି କମ୍‌ରେ ଅଧଘଣ୍ଟା ବ୍ୟାୟାମ କରନ୍ତୁ। ହୃଦ୍‌ରୋଗ ପାଇଁ ଓଜନ ବୃଦ୍ଧି ବା ମେଦ ବହୁଳତା ୩୨ ଭାଗ ଦାୟୀ। ତେଣୁ ଶରୀରର ଗଢ଼ଣ ଓ ବୟସ ଅନୁସାରେ ଓଜନ କେତେ ରହିବା ଆବଶ୍ୟକ, ତାହା ଜାଣନ୍ତୁ। ଆବଶ୍ୟକତା ଠାରୁ ଅଧିକ ଓଜନ ଥିଲେ, ତାହାକୁ କିପରି ସନ୍ତୁଳିତ ସ୍ତରକୁ ଆଣିହେବ; ସେଥିନେଇ ଡାକ୍ତରଙ୍କ ପରାମର୍ଶ କରନ୍ତୁ। ହୃଦ୍‌ସ୍ପନ୍ଦନ ହିଁ ଆମ ଜୀବନ ଆଉ ସମ୍ପର୍କର ପ୍ରମାଣ। ତେଣୁ ହୃଦୟକୁ ସୁସ୍ଥ ରଖିବାକୁ ହେବ। ଜଣଙ୍କ ବୟସ ୩୦ରୁ ୫୦ ବର୍ଷ ଭିତରେ ଥିବା ସମୟରେ ନିଜ ଓଜନ ଉପରେ ନିୟନ୍ତ୍ରଣ ରଖିବା ଖୁବ୍ ଜରୁରୀ। କାରଣ ଏ ସମୟରେ ଓଜନ ବଢ଼ିବାର ଆଶଙ୍କା ଅଧିକ। ଓଜନ ବୃଦ୍ଧି ହୃଦ୍‌ରୋଗ ସହ ବହୁ ରୋଗକୁ ଜନ୍ମ ଦେଇପାରେ। ତେଣୁ କୋଲେଷ୍ଟେରୋଲ୍ ଯୁକ୍ତ ଖାଦ୍ୟ ସହ ଆଳୁ, ଭାତ ଆଦି କମ୍ ଖାଇବା ଆବଶ୍ୟକ। ଫଳ, ଗଜାମୁଗ, ବୁଟ ଓ ଦଳିଆ ଆଦି ଲୋକ ଗ୍ଲାଇସେମିକ୍ ଇଣ୍ଡେକ୍ସ ଯୁକ୍ତ ଖାଦ୍ୟ ସୁସ୍ଥ ହୃଦୟ ପାଇଁ ଖୁବ୍ ଉପଯୋଗୀ। ଏହି ବୟସରେ ଉଚ୍ଚ ରକ୍ତଚାପ ଓ ମଧୁମେହ ରୋଗ ହେଲେ ଡାକ୍ତରଙ୍କ ପରାମର୍ଶରେ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷଣ କରାଇନେବା ଆବଶ୍ୟକ। ଏ ବୟସ ପାଇଁ କଠୋର ବ୍ୟାୟାମ ସ୍ୱାସ୍ଥ୍ୟ ଅପେକ୍ଷା ହାଲ୍‌କା ବ୍ୟାୟାମ ଆବଶ୍ୟକ। ତେବେ ଦ୍ରୁତ ପ୍ରାତଃଭ୍ରମଣ ଖୁବ ଉପଯୋଗୀ। ୱାକିଂ ସ୍ପିଡ୍ ଠିକ୍ ଅଛି ନା ନାହିଁ ତାହା ନିଜେ ଜାଣିପାରିବେ। ଉଦାହରଣ ସ୍ୱରୂପ ଚାଲିବା ବେଳେ ଯଦି କୌଣସି ବାକ୍ୟକୁ ଆରାମରେ କହିପାରୁଛନ୍ତି, ତାହେଲେ ଜାଣନ୍ତୁ ଗତି ଧିମା ଅଛି। ଅଧା ବାକ୍ୟ ଠିକ୍‌ରେ କହିପାରୁ ନଥିଲେ ଜାଣନ୍ତୁ ଅଧିକ ଅଛି। ଯଦି ବାକ୍ୟଟି କଷ୍ଟରେ କହିପାରୁଛନ୍ତି ତାହେଲେ ବୁଝି ନିଅନ୍ତୁ ଗତି ଠିକ୍ ଅଛି। ବୟସ ୫୧ ଛୁଇଁଲେ ଖାଦ୍ୟ ପାନୀୟରେ ଆଧିକ୍ୟରୁ ଦୂରେଇ ରହିବା ଉଚିତ। ଖାଦ୍ୟପାନୀୟ ବା ମଦର ଅଧିକ ମାତ୍ରା ଏ ବୟସରେ ଚିନ୍ତାଜନକ। ଏ ବୟସରେ ପାଦ ଦେବା ପରେ ଗରିଷ୍ଠ ଖାଦ୍ୟଠାରୁ ଦୂରେଇ ରୁହନ୍ତୁ। ଖାଦ୍ୟରେ ସାଲାଡ଼, ସବୁଜ ପନିପରିବା ଓ ଫଳକୁ ପ୍ରାଧାନ୍ୟ ଦିଅନ୍ତୁ। ଅଳ୍ପ ଅଳ୍ପ କରି ଦିନରେ ୬ଥର ଖାଇବା ଦରକାର। ୫୧ ବର୍ଷରୁ ଅଧିକ ବୟସର ଲୋକମାନେ କଠୋର ବ୍ୟାୟାମ ଓ ଅଧିକ ଶାରୀରିକ ପରିଶ୍ରମ କରିବା ଉଚିତ ନୁହେଁ। ଦିନରେ ୪୫ ମିନିଟ୍ ପର୍ଯ୍ୟନ୍ତ ଚାଲନ୍ତୁ। ଏ ବୟସରେ ଅବସାଦ ସମସ୍ୟା ଅଧିକ ଥାଏ, ଯାହା ହୃଦ୍ ସମସ୍ୟାକୁ ଡାକି ଆଣିପାରେ। ଏ ସ୍ଥିତିରେ ମନସ୍ତତ୍ତ୍ୱ ବିଶେଷଜ୍ଞମାନଙ୍କ ପରାମର୍ଶ ନେବା ଆବଶ୍ୟକ। ଏ ବୟସରେ ଜୀବନର ସଫଳତା ଓ ବିଫଳତାକୁ ନେଇ ମସ୍ତିଷ୍କରେ ଅଙ୍କକଷା ଚାଲିଥାଏ। ଏଥିରୁ ନିଜକୁ ମୁକୁଳେଇବା ପାଇଁ ଧ୍ୟାନ କରନ୍ତୁ। ନିୟମିତ ରକ୍ତ, ଇସିଜି, ଟିଏମ୍‌ଟି, ଶର୍କରା ଆଦି ପରୀକ୍ଷଣ କରାଇନିଅନ୍ତୁ। ହୃଦ୍‌ରୋଗର ସମ୍ଭାବନା ଆଶଙ୍କା ହେଲେ ଏହାର ବିଭିନ୍ନ ପ୍ରକାର ପରୀକ୍ଷା ବ୍ୟବସ୍ଥା ରହିଛି ଯେପରି ଇସିଜି ବା ଇକେଜି, ଚେଷ୍ଟ ଏକ୍ସ-ରେ, ଷ୍ଟ୍ରେସ୍ ଟେଷ୍ଟ, ଇକୋ କାର୍ଡିଓଗ୍ରାମ, କାର୍ଡ଼ିଆକ୍ କେଥେଟରାଇଜେସନ୍, ଇଲେକ୍ଟ୍ରୋ ଭିଜିଓଲୋଜି ଟେଷ୍ଟ, ସିଟି ହାର୍ଟ ସ୍କାନ, ହାର୍ଟ ଏମ୍‌ଆର୍‌ଆଇ, ପେସମେକର ଓ ଆଞ୍ଜିଓପ୍ଲାଷ୍ଟି, କୋଲେଷ୍ଟେରୋଲ ଇତ୍ୟାଦି। ପ୍ରତିମାସରେ ଥରେ ଉପବାସ ରହିବା ଖୁବ୍ ଭଲ। ନିଜକୁ ଚାପମୁକ୍ତ କରି ନିଶା ଦ୍ରବ୍ୟ ଠାରୁ ଦୂରେଇ ରହିଲେ ଏହା ହୃଦ୍‌ରୋଗର ଆଶଙ୍କା ରଖନ୍ତା ନାହିଁ। ପ୍ରତିଦିନ କିଛି ସମୟ ବ୍ୟାୟାମ ଓ ମେଦବହୁଳତା ଠାରୁ ଦୂରେଇ ରୁହନ୍ତୁ। ରକ୍ତରେ କୋଲେଷ୍ଟେରୋଲ ପରିମାଣ ବଢ଼ିଗଲେ ହୃଦ୍‌ରୋଗ ହେବାର ଆଶଙ୍କା ରହିଥାଏ ଏଣୁ ରକ୍ତଚାପ ଓ କୋଲେଷ୍ଟେରୋଲ ନିୟମିତ ବ୍ୟବଧାନରେ ପରୀକ୍ଷା କରନ୍ତୁ। ସୁଷମ ଖାଦ୍ୟ, ସବୁଜ ପନିପରିବା, ଫଳ ବହୁତ ଭଲ। ଅଧିକ ତେଲ ମସଲା, ରାଗ, ଘିଅ, ଲହୁଣୀ, ମାଂସ ଠାରୁ ଦୂରେଇ ରୁହନ୍ତୁ। ନିଜ ଖାଦ୍ୟରେ ଯେପରି କମ୍ ଲୁଣ ବ୍ୟବହାର ହୋଇଥାଏ ସେ ଦିଗକୁ ନଜର ରଖନ୍ତୁ କାରଣ ଲୁଣ ହିଁ ହୃଦ୍‌ଘାତ ଓ ଷ୍ଟ୍ରୋକର ମୁଖ୍ୟ କାରଣ। ବିଶ୍ୱସ୍ତରରେ ଘଟୁଥିବା ଅକାଳ ମୃତ୍ୟୁର ମୁଖ୍ୟ କାରଣ ହେଉଛି ହୃଦ୍‌ଘାତ ଓ ହୃଦ୍‌ରୋଗ। ବ୍ୟବସ୍ଥିତ ଜୀବନ ଶୈଳୀ ନିଶ୍ଚିନ୍ତ ଭାବରେ ଆପଣ ମାନଙ୍କୁ ହୃଦ୍‌ରୋଗକୁ ରକ୍ଷା କରିବ ଏ ବିଶ୍ୱାସ ରଖନ୍ତୁ।

**ଡାକ୍ତର ଚନ୍ଦ୍ରକାନ୍ତ ମିଶ୍ର, ସହଯୋଗୀ ପ୍ରଫେସର, ହୃଦ୍‌ରୋଗ ବିଭାଗ, ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୨୭୭୮୬୪**

## ବିଚ୍ଛନ୍ଦ ଟ୍ରଷ୍ଟ ତରଫରୁ ବିଶ୍ୱ ବ୍ରେଲ୍ ଦିବସ ପାଳିତ



ଭୁବନେଶ୍ୱର (ପିଏନ୍): ବ୍ରେଲ୍ ଲିପିର ଉଦ୍ଭାବକ ଲୁଇବ୍ରେଲ୍‌ଙ୍କ ଜନ୍ମଦିନକୁ ନିରାଡ଼ମ୍ବର ଭାବରେ ପାଳନ କରିଛି ସାମାଜିକ ସଂଗଠନ ବିଚ୍ଛନ୍ଦ ଟ୍ରଷ୍ଟ ଅଫ୍ ୱେଲ୍‌ଫେୟାର। ଭୁବନେଶ୍ୱର ୟୁନିଟ୍-୩ସ୍ଥିତ ବୁଦ୍ଧବିହାରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଭିନ୍ନକ୍ଷମ କମିଶନର ସୁଲୋଚନା ଦାଶ ଯୋଗ ଦେଇଥିଲା ବେଳେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସନ୍ନ୍ୟାସୀ ବେହେରା, ଶାନ୍ତିଧାମ୍ ଫାଉଣ୍ଡେସନର ଚେୟାରମ୍ୟାନ ସୌଭାଗ୍ୟ ରାଉତରାୟ, ଜାତୀୟ ଦୃଷ୍ଟିବାଧିତ ଅନୁଷ୍ଠାନ ଓଡ଼ିଶା ଶାଖାର ସାଧାରଣ ସମ୍ପାଦକ ଅଜୟ କୁମାର ସାମଲ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଦୃଷ୍ଟିବାଧିତ ବ୍ୟକ୍ତିଙ୍କ ପାଇଁ ଲୁଇ ବ୍ରେଲ୍‌ଙ୍କ ଅବଦାନକୁ ଅତିଥିମାନେ ମନେ ପକାଇବା ସହ ବିଦ୍ୟା ଅଧ୍ୟୟନ ପାଇଁ ଯେଉଁ ଛଅବିନ୍ଦୁକୁ ନେଇ ବ୍ରେଲ୍ ଲିପି ଉଦ୍ଭାବନ କରିଥିଲେ ତାହା ଅବିସ୍ମରଣୀୟ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଏହି ଅବସରରେ ଉତ୍କଳ ଦୃଷ୍ଟିହୀନ ସଂଘର ପ୍ରତିଷ୍ଠାତା ଓ ସାଧାରଣ ସମ୍ପାଦକ ଶ୍ରୀଯୁକ୍ତ ବିନୋଦ ବିହାରୀ ସାହୁଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା ଏବଂ ଏକଶହ ଦୃଷ୍ଟିବାଧିତ ବ୍ୟକ୍ତିଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିଚ୍ଛନ୍ଦ ଟ୍ରଷ୍ଟ ଅଫ୍ ୱେଲ୍‌ଫେୟାରର ଅଧ୍ୟକ୍ଷ ପ୍ରକାଶ କୁମାର ମହାପାତ୍ର ସଂଯୋଜନା କରିଥିଲେ। ସାମାଜିକ କର୍ମୀ ତ୍ରିଲୋଚନ ବେଉରା ଓ ଜିତେନ୍ଦ୍ର ରାଉତରାୟ କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ।

## ନବମ ଜୟକିରଣ ସମ୍ମାନ ପ୍ରଦାନ ଉତ୍ସବ ଅନୁଷ୍ଠିତ



ଭୁବନେଶ୍ୱର (ପିଏନ୍): ନବମ ଜୟକିରଣ ସମ୍ମାନ ପ୍ରଦାନ ଉତ୍ସବ ଚଳିତ ମାସ ୪ତାରିଖ ଦିନ ସ୍ଥାନୀୟ ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ସର୍ବୋଦୟ ଭୂଦାନର ଆଗଧାଡ଼ିର ନେତା, ଓଡ଼ିଶା ବିଧାନସଭା ସଦସ୍ୟ ଥିବା ଓଡ଼ିଶାର ଏକ ବିରଳ ଦମ୍ପତ୍ତି ସ୍ୱର୍ଗତଃ ଜୟକୃଷ୍ଣ ମହାନ୍ତି ଓ ସ୍ୱର୍ଗତା କିରଣଲେଖା ମହାନ୍ତିଙ୍କ ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ପ୍ରତିବର୍ଷ ଜୟକିରଣ ସମ୍ମାନ ପ୍ରଦାନ କରାଯାଉଅଛି। ଟ୍ରଷ୍ଟର ସଭାପତି ଶ୍ରୀମତୀ ଶାଶ୍ୱତୀ ବଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ରାଜ୍ୟ ଖଣି ଓ ଇସ୍ପାତ ମନ୍ତ୍ରୀ ଶ୍ରୀଯୁକ୍ତ ପ୍ରଫୁଲ୍ଲ ମଲ୍ଲିକ ମୁଖ୍ୟଅତିଥି ଓ ରାଜ୍ୟ ବିଧାନସଭାର ମୁଖ୍ୟ ସଚେତକ ପୂର୍ବତନ ମନ୍ତ୍ରୀ ଶ୍ରୀମତୀ ପ୍ରମିଳା ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ବିଶିଷ୍ଟ ସର୍ବୋଦୟ ଓ ଭୂଦାନ କର୍ମୀ ଶ୍ରୀ ଗୋଲକ ଚନ୍ଦ୍ର ଦାସ ଚଳିତ ବର୍ଷର ଜୟକିରଣ ସମ୍ମାନରେ ସମ୍ମାନିତ ହୋଇଥିବା ବେଳେ ବିଶିଷ୍ଟ ମର୍ଦ୍ଦଳ ବାଦକ ଗୁରୁ ଧନେଶ୍ୱର ସ୍ୱାଇଁଙ୍କୁ ଗୁରୁ ଗୋପାଳ ପଣ୍ଡା ସମ୍ମାନ ଓ ଖ୍ୟାତନାମା ଓଡ଼ିଶୀ ନୃତ୍ୟଶିଳ୍ପୀ ଶ୍ରୀମତୀ ଅରୁଣା ମହାନ୍ତିଙ୍କୁ ଗୁରୁ ଗଙ୍ଗାଧର ପ୍ରଧାନ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଉତ୍ସବରେ ଗୁରୁଶ୍ରୀ ଲକ୍ଷ୍ମୀକାନ୍ତ ପାଲିତ୍‌ଙ୍କ ନିର୍ଦ୍ଦେଶନାରେ ଲକ୍ଷ୍ମୀକାନ୍ତ ପାଲିତ୍ ଓ ସାଥୀଙ୍କ ଦ୍ୱାରା ଗାନ୍ଧୀଙ୍କ ପ୍ରିୟ ସଙ୍ଗୀତର ଏକ ହୃଦୟସ୍ପର୍ଶୀ ସଙ୍ଗୀତ କାର୍ଯ୍ୟକ୍ରମ ସହ ରୁଦ୍ରାକ୍ଷ ଫାଉଣ୍ଡେସନ ଶିଳ୍ପୀମାନଙ୍କ ଦ୍ୱାରା ଗୁରୁ ବିଚିତ୍ରା ସ୍ୱାଇଁଙ୍କ ନିର୍ଦ୍ଦେଶନାରେ ନୃତ୍ୟନାଟିକା 'ଚକ୍ରବ୍ୟୁହ' ଏବଂ ପଲ୍ଲବୀ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା। ଟ୍ରଷ୍ଟର ସମ୍ପାଦିକା ଶ୍ରୀମତୀ ସୁମିତ୍ରା ଜେନା ଟ୍ରଷ୍ଟର ଆଭିମୁଖ୍ୟ ସମ୍ବନ୍ଧରେ କହିଥିବା ବେଳେ ଶ୍ରୀ ମୃତ୍ୟୁଞ୍ଜୟ ସମସ୍ତ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

# ଜାନୁଆରୀ ୧୦ରେ କେନ୍ଦୁଝର ଜିଲ୍ଲା ସଦର ମହକୁମାରେ ନିଯୁକ୍ତି ମେଳା ନିମନ୍ତେ ପ୍ରସ୍ତୁତି ବୈଠକ

କେନ୍ଦୁଝର (ପିଏନ୍): ଓଡିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷ ଏବଂ କେନ୍ଦୁଝର ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଚଳିତ ଜାନୁଆରୀ ୧୦ ତାରିଖ (ଶୁକ୍ରବାର) ଦିନ କେନ୍ଦୁଝର ଜିଲ୍ଲା ସଦର ମହକୁମାସ୍ଥ ଓଡିଶା ଖଣି ଓ ଯାନ୍ତ୍ରିକ ବିଦ୍ୟାଳୟ (ଓଏସ୍‌ଏମ୍‌ଇ) ପଡିଆଠାରେ ନିଯୁକ୍ତିମେଳା ଅନୁଷ୍ଠିତ ହେବ । ଏହି ନିଯୁକ୍ତିମେଳାର ସୁପରିଚାଳନା ପାଇଁ ବିହିତ ପଦକ୍ଷେପ ନେବାକୁ ଜିଲ୍ଲାପାଳ ଆଶିଷ୍ ଠାକ୍‌ରେ ସଂପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ନିଯୁକ୍ତି ମେଳାର ସୁଆୟୋଜନ ଓ ପରିଚାଳନା ନିମନ୍ତେ ଅତିରିକ୍ତ ଜିଲ୍ଲାପାଳ ଡଃ ଭକ୍ତ ଚରଣ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଚଳିତ ଜାନୁଆରୀ ୦୨ ତାରିଖ ଅପରାହ୍ନରେ ମିନି କନ୍‌ଫରେନ୍ସ ହଲ୍‌ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ଏବଂ ଚୂଡାନ୍ତ କାର୍ଯ୍ୟସୂଚୀ ପ୍ରସ୍ତୁତ କରାଯାଇଛି । ସୂଚନାଯୋଗ୍ୟ ଯେ ଜିଲ୍ଲାର ୧୮ ରୁ ୩୫ ବର୍ଷ ବୟସ ପର୍ଯ୍ୟନ୍ତ ଶିକ୍ଷିତ ବେକାର ଯୁବକ/ଯୁବତୀଙ୍କୁ ବିଭିନ୍ନ କମ୍ପାନୀ, ଘରୋଇ ଉଦ୍ୟୋଗ ତଥା ଶିଳ୍ପ ସଂସ୍ଥାରେ ନିଯୁକ୍ତି ଦେବା ନିମନ୍ତେ ଏହି ନିଯୁକ୍ତି ମେଳା ଆୟୋଜନ କରାଯାଉଛି । ସପ୍ତମ ଶ୍ରେଣୀ ପାସ୍‌ରୁ ତଦୁର୍ଦ୍ଧ ଶିକ୍ଷାଗତ ଯୋଗ୍ୟତା ଥିବା ଶିକ୍ଷିତ ବେକାର ଯୁବକ/ଯୁବତୀ, ଆଇ.ଟି.ଆଇ., ଡିପ୍ଲୋମା, ଏ.ଏନ୍.ଏମ୍./ଜି.ଏନ୍.ଏମ୍. ପାସ୍ କରିଥିବା ଆଗ୍ରହୀ ଯୁବକ/ଯୁବତୀମାନେ ଏହି ନିଯୁକ୍ତିମେଳାରେ ଅଂଶଗ୍ରହଣ କରିପାରିବେ । ଏଥିନିମନ୍ତେ ଆଗ୍ରହୀ ଯୁବକ/ଯୁବତୀମାନେ ନିଜ ଅଂଚଳର ବ୍ଲକ୍ କାର୍ଯ୍ୟାଳୟକୁ ଯାଇ ତା୦୪.୦୧.୨୦୨୦ରିଖରୁ ତା୦୯.୦୧.୨୦୨୦ରିଖ ମଧ୍ୟରେ ସେମାନଙ୍କର ନାମ ପଂଜିକରଣ କରାଇ ଏହି ନିଯୁକ୍ତିମେଳାରେ ଭାଗ ନେଇପାରିବେ । ଜିଲ୍ଲାର କେନ୍ଦୁଝର, ଯୋଡା, ବଡବିଲ୍ ଏବଂ ଆନନ୍ଦପୁର ମ୍ୟୁନିସିପାଲିଟି ଏବଂ ଚମ୍ପୁଆ ଏନ୍.ଏ.ସି. ଅଂଚଳର ପ୍ରାର୍ଥୀ/ପ୍ରାର୍ଥିନୀମାନେ ନିଜ ଅଂଚଳର ବ୍ଲକ୍ କାର୍ଯ୍ୟାଳୟକୁ ଯାଇ ଆବେଦନପତ୍ର ଦାଖଲ କରି ପ୍ରବେଶ ଅନୁମତି ପତ୍ର ହାସଲ କରିପାରିବେ । ଏହି ନିଯୁକ୍ତି ମେଳାରେ ବିଭିନ୍ନ ଟ୍ରେଡ୍‌ରେ ବିଭିନ୍ନ ପଦବୀ ନିମନ୍ତେ ନିଯୁକ୍ତି ବ୍ୟବସ୍ଥା କରାଯାଇଛି । ଏହି ନିଯୁକ୍ତି ମେଳାରେ ରାଜ୍ୟ ଓ ରାଜ୍ୟ ବାହାରର ବିଭିନ୍ନ ନିଯୁକ୍ତିଦାତା ସଂସ୍ଥାମାନେ ଯୋଗଦେବେ । ଏତଦ୍‌ବ୍ୟତୀତ ଓଡିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷଙ୍କ ସହ ବୁଝାମଣା ପତ୍ର ସ୍ୱାକ୍ଷର କରିଥିବା ଜିଲ୍ଲା ଓ ଜିଲ୍ଲା ବାହାରର ପ୍ରକଳ୍ପ କାର୍ଯ୍ୟକାରିଣୀ ସଂସ୍ଥା (ପ୍ରଜେକ୍ଟ ଇମ୍ପ୍ଲିମେଂଟିଙ୍ଗ୍ ଏଜେନ୍‌ସି) ମାନେ ଯୋଗଦେବାର କାର୍ଯ୍ୟକ୍ରମ ସ୍ଥିରିକୃତ ହୋଇଛି । ସମସ୍ତ ନିଯୁକ୍ତିଦାତା ସଂସ୍ଥାମାନଙ୍କରେ ସିଧାସଳଖ ନିଯୁକ୍ତିର ସୁଯୋଗ ରହିଅଛି । ଯେଉଁ ପ୍ରାର୍ଥୀ/ ପ୍ରାର୍ଥିନୀମାନେ ଚଳିତ ଜାନୁଆରୀ ୦୯ ତାରିଖ ମଧ୍ୟରେ ବ୍ଲକ୍ କାର୍ଯ୍ୟାଳୟରେ ନାମ ପଂଜିକରଣ କରି ନପାରିଥିବେ ସେମାନେ ଚଳିତ ଜାନୁଆରୀ ୧୦ ତାରିଖ ପୂର୍ବାହ୍ନ ଘ୧୦.୩୦ମି. ସମୟରେ ଓଡିଶା ଖଣି ଓ ଯାନ୍ତ୍ରିକ ବିଦ୍ୟାଳୟ, କେନ୍ଦୁଝର ପଡିଆରେ ଖୋଲାଯିବାକୁ ଥିବା ପଂଜିକରଣ କେନ୍ଦ୍ରରେ ନାମ ପଂଜିକରଣ କରାଇ ନିଯୁକ୍ତିମେଳାରେ ଅଂଶ ଗ୍ରହଣ କରିପାରିବେ ବୋଲି ଭାରପ୍ରାପ୍ତ ଜିଲ୍ଲା ନିୟୋଜନ ଅଧିକାରୀ ବିଜୟ କୁମାର ପାତ୍ର ସୂଚନା ଦେଇଛନ୍ତି । ଉକ୍ତ ନିଯୁକ୍ତିମେଳା ସଂପର୍କରେ ଜିଲ୍ଲାର ଗ୍ରାମାଂଚଳମାନଙ୍କରେ ବହୁଳ ପ୍ରଚାର ଉପରେ ଅତିରିକ୍ତ ଜିଲ୍ଲାପାଳ ଡଃ ପ୍ରଧାନ ଗୁରୁତ୍ୱାରୋପ କରି ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ଜିଲ୍ଲା ନିୟୋଜନ ଅଧିକାରୀ ତଥା ବିଡିଓମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ନିଯୁକ୍ତି ମେଳାର ସୁଆୟୋଜନ ଓ ପରିଚାଳନା ସଂପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ବୈଠକରେ ବିଶଦ ଭାବେ ଆଲୋଚନା କରାଯାଇଥିଲା ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କୁ ଦାୟିତ୍ୱ ଦିଆଯାଇଥିଲା । ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପି.କେ. ପରିଡା, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡଃ ଅଶୋକ କୁମାର ଦାଶ, ଜିଲ୍ଲା ନିୟୋଜନ ଅଧିକାରୀ ବିଜୟ କୁମାର ପାତ୍ର, ଓରମାସ୍‌ର ଯୁଗ୍ମ ସି.ଇ.ଓ. ସପନ ଗୋସ୍ୱାମୀ, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ସଂଜୀବ ବାରିକ, ବିଭିନ୍ନ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ/ଅଧିକାରୀ/ ବିଭିନ୍ନ ବ୍ଲକ୍‌ର ବିଡିଓମାନେ ଏହି ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

# ସ୍ୱଚ୍ଛ ଭାରତର ନାରା ଓ ଆବର୍ଜନାର ପରିବେଶ



ସ୍ୱଚ୍ଛ ଭାରତ ମିଶନକୁ ୨୦୧୯ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରେ ପାଂଚବର୍ଷ ପୁରିଯାଇଛି। ଏହି କାର୍ଯ୍ୟକ୍ରମ ଆରମ୍ଭ ତିଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦାମୋଦରଦାସ ମୋଦିଙ୍କଠାରୁ ଆରମ୍ଭ କରି ଦେଶର ବରିଷ୍ଠ ଅମଲାଙ୍କ ହାତରେ ଥିଲା ଝାଡୁ। ଗଣମାଧ୍ୟମରେ ମଇଳା ସଫେଇ କରାଯାଉଥିବାର ଦୃଶ୍ୟ ଓ ସେଲ୍‌ଫି ଜରିଆରେ ଏହାର ଜୋରଦାର ପ୍ରଚାର ହୋଇଥିଲା। କେବଳ ସେତିକି ନୁହେଁ ବିଭିନ୍ନ ସେଲିବ୍ରେଟି ଓ ସମାଜର ନାମୀଦାମୀ ଲୋକମାନେ କିଛି ଦିନ ଝାଡୁ ଧରି ବୁଲାନ୍ତି ତା'ପରେ ସବୁ ଶୂନ। କିଛିଦିନର ଘୋ ପରେ ଲୋକେ ଏହାକୁ ଭୁଲିଗଲେ। ଏବେ ଯେଉଁଆଡ଼େ ଚାହିଁବେ ଗୁଟ୍‌ଖା ଜରିଠାରୁ ପଲିଥିନ୍ ଓ ସବୁରକମର ଅଳିଆ ରାସ୍ତାଘାଟରେ ବିପୁଳ ପରିମାଣରେ ପଡ଼ି ରହୁଛି। ମହାତ୍ମା ଗାନ୍ଧିଙ୍କ ଜୟନ୍ତୀ ଥିବାରୁ ଏହି ଦିବସରେ କେତେକ ସଫେଇ କାର୍ଯ୍ୟରେ ମନୋନିବେଶ କରିଥିଲେ। ବିଶ୍ୱର ଦ୍ୱିତୀୟ ବୃହତ୍ ଜନସଂଖ୍ୟାବହୁଳ ରାଷ୍ଟ୍ର ଭାରତରେ ପ୍ରତି ମୁହୂର୍ତ୍ତରେ ଅପର୍ଯ୍ୟାପ୍ତ ଆବର୍ଜନା ସୃଷ୍ଟି ହେବା ସ୍ୱାଭାବିକ। ଘର ଅଳିଆ, ଇଲେକ୍ଟ୍ରୋନିକ୍ ୱେଷ୍ଟ, ପ୍ଲାଷ୍ଟିକ ଓ ମାଟିରେ ମିଶି ପାରୁନଥିବା ଅନ୍ୟପ୍ରକାର ବର୍ଜ୍ୟବସ୍ତୁ, ନିର୍ମାଣ ଶିଳ୍ପରୁ ଉତ୍ପନ୍ନ ଅଳିଆ, କଳକାରଖାନାରୁ ନିର୍ଗତ ଦୂଷିତ ପଦାର୍ଥ, ଡାକ୍ତରଖାନାରୁ ବାହାରୁଥିବା ସଂକ୍ରମିତ ପଦାର୍ଥ ଏବଂ ସେହିଭଳି ଅନେକ ରକମର ଅଳିଆ ପ୍ରତ୍ୟେକ ଦିନ ଅଧିକରୁ ଅଧିକ ମାତ୍ରାରେ ବାହାରୁଛି। ଏହିସବୁକୁ ବ୍ୟବସ୍ଥିତ ଢ଼ଙ୍ଗରେ ପରିଚାଳନା କରିବା ସରକାରଙ୍କ ପାଇଁ କାଠିକର ପାଠ ହେଲାଣି। ସହଜେ ଡମ୍ପିଂ ଗ୍ରାଉଣ୍ଡର ଅଭାବ। ବ୍ୟବସ୍ଥିତ ଭାବରେ ବର୍ଜ୍ୟବସ୍ତୁ ସଂଗ୍ରହ କରିବାର ବ୍ୟବସ୍ଥା ଏ ପର୍ଯ୍ୟନ୍ତ ଭାରତରେ ସୃଷ୍ଟି ହୋଇନାହିଁ। ସବୁପ୍ରକାରର ଅଳିଆକୁ ଅଲଗା କରି ଭିନ୍ନ ରକମର ନଷ୍ଟ ପ୍ରଣାଳୀ ପ୍ରୟୋଗ କରିବା ସ୍ୱପ୍ନ ହୋଇ ରହିଛି। ଏଭଳି ସ୍ଥଳେ କେବଳ ସ୍ୱଚ୍ଛ ଭାରତର ନାରା ଲଗାଇ ପ୍ରଚାର ମାଧ୍ୟମରେ କରଦାତାଙ୍କର ଅନେକ ହଜାର କୋଟି ଟଙ୍କା ନାଳରେ ଢ଼ାଳିଦେବାର ଚିନ୍ତା ସମ୍ପୂର୍ଣ୍ଣ ଭାବେ ଅବାସ୍ତବ ଓ ଅଯୁକ୍ତିକର। ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାର କରାଯାଇ ଅଳିଆକୁ ଧ୍ୱଂସ କରିବା ଲାଗି ଗବେଷଣା ଓ ଉନ୍ନୟନ ସଂସ୍ଥାଗୁଡ଼ିକୁ ଦାୟିତ୍ୱ ଦିଆଯାଇ ସେଥିରେ ଅର୍ଥ ବ୍ୟୟ କରାଗଲେ ନୂଆ କିଛି ଉଦ୍ଭାବନ କରାଯାଇପାରନ୍ତା। କିନ୍ତୁ ଏବେ ଯେଉଁ ଢ଼ଙ୍ଗରେ ବର୍ଜ୍ୟବସ୍ତୁ ପରିଚାଳନା କରାଯାଉଛି ତାହାଦ୍ୱାରା ସେଗୁଡ଼ିକ ସମ୍ପୂର୍ଣ୍ଣ ନିଃଶେଷ ନହୋଇ ଆମ ଭୂଖଣ୍ଡରେ ପଡ଼ିରହୁଛି। ବିଶେଷକରି ପଲିଥିନ୍ ଭଳି ମାଟିରେ ମିଳେଇ ଯାଉ ନଥିବା ପଦାର୍ଥର ବ୍ୟବହାର ବୃଦ୍ଧି ପାଉଥିବାରୁ ଏହା ସମସ୍ୟାକୁ ଅଧିକ ଜଟିଳ କରିଦେଉଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ନିଜ ପାଖରେ ଅଖା ବ୍ୟାଗ୍ ଥିଲେ ମଧ୍ୟ ଭାରତୀୟ ମାନସିକତା ଦୋକାନରୁ ପଲିଥିନ୍ ମାଗିବା ଚିନ୍ତାଠାରୁ ଉପରକୁ ଉଠିପାରୁ ନାହିଁ। ପାଶ୍ଚାତ୍ୟ ଦେଶର ବଡ଼ ବଡ଼ ସହରଗୁଡ଼ିକରେ ବୃହତ୍ ଅଞ୍ଚଳ ଉପରେ ଡମ୍ପିଂୟାର୍ଡ଼ ନିର୍ମାଣ କରାଯାଇଛି। କଠିନ ବର୍ଜ୍ୟବସ୍ତୁ ମାଟିରେ ମିଳେଇ ଯିବା କିମ୍ବା ତରଳ ଜିନିଷ ସେଥିରେ ଦ୍ରବିଭୂତ ହେବାର ପ୍ରକ୍ରିୟା ବୈଜ୍ଞାନିକ ଉପାୟରେ ବିକଶିତ କରାଯାଇଥିବାରୁ ପରିବେଶ ଉପରେ ଏହାର ପ୍ରଭାବ ସର୍ବନିମ୍ନ ରହୁଛି। ଭାରତର ଲୋକସଂଖ୍ୟାକୁ ଦେଖିଲେ ପ୍ରତିଦିନ ଉତ୍ପନ୍ନ ହେଉଥିବା ବର୍ଜ୍ୟବସ୍ତୁକୁ ବ୍ୟବସ୍ଥିତ ଢ଼ଙ୍ଗରେ ପରିଚାଳନା କରାଯିବା ଦରକାର। ଏପରିକି ଜରିଗୋଟାଳି କିମ୍ବା ଏହି କାର୍ଯ୍ୟ କରି ଜୀବିକା ନିର୍ବାହ କରୁଥିବା ବ୍ୟକ୍ତିମାନଙ୍କୁ ଏହି ପ୍ରକ୍ରିୟାରେ ସାମିଲ କରାଯାଇ ସେମାନଙ୍କ ଲାଗି କର୍ମସଂସ୍ଥାନର ସୁଯୋଗ ସୃଷ୍ଟି ହୋଇପାରନ୍ତା। ଫଳରେ ବିଧିବଦ୍ଧ ଭାବେ ସେମାନେ ଏହି ବ୍ୟବସ୍ଥାର ଅଂଶ ପାଲଟନ୍ତେ। ଉକ୍ତ କାର୍ଯ୍ୟରେ ସ୍ଥାନୀୟ ବାସିନ୍ଦା, ପୌରପାଳିକା ଓ ଭଦ୍ରସମାଜ ସେମାନଙ୍କୁ ପ୍ରୋତ୍ସାହନ ଦେବା ଭଳି ପଦକ୍ଷେପ ନେଲେ ଏହି ପ୍ରକ୍ରିୟା ଅଧିକ କ୍ରିୟାଶୀଳ ହୁଅନ୍ତା। କେବଳ ପ୍ରଚାର ସର୍ବସ୍ୱ ଲକ୍ଷ୍ୟ ରଖାଯାଇ ସ୍ୱଚ୍ଛ ଭାରତ ଅଭିଯାନକୁ ଆଗକୁ ନେବା ଲାଗି ପ୍ରୟାସ ହେଉଥିବାରୁ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସାଧିତ ହୋଇପାରୁ ନାହିଁ। ସେହିପରି ସରକାର ହୁଅନ୍ତୁ ବା ସାମାଜିକ ଦାୟିତ୍ୱବୋଧ ନିର୍ବାହ କରୁଥିବା ସଂସ୍ଥା ଏ ଦିଗରେ ଆନ୍ତରିକତାର ସହ ପଦକ୍ଷେପ ନେଉ ନଥିବାରୁ ସ୍ୱଚ୍ଛ ଅଭିଯାନ ଆନ୍ଦୋଳନରେ ପରିଣତ ହେବା ଦିଗରେ ପ୍ରତିବନ୍ଧକ ଉପୁଜୁଛି। ଉଦାହରଣ ସ୍ୱରୂପ ଓଡ଼ିଶାର ବାଣିଜ୍ୟିକ ସହର କଟକରେ ଥିବା ବାଦାମବାଡ଼ି ବସ୍‌ଷ୍ଟାଣ୍ଡରୁ ଦେଖାଯାଉ। ଅସଂଖ୍ୟ ବସ୍ ସେଠାରୁ ଗଡୁଥିବାରୁ ଯାତ୍ରୀଙ୍କ ସଂଖ୍ୟା ଅନେକ। ହେଲେ ସେହି ପରିସରରେ ଥିବା ସାଧାରଣ ଶୌଚାଳୟର ଅବସ୍ଥା ଅତ୍ୟନ୍ତ ବ୍ୟବହାର ଅନୁପଯୋଗୀ। ଫଳରେ ଜନସାଧାରଣ ଉକ୍ତ ପରିବେଶକୁ କେଉଁ ସ୍ଥିତିରେ ନେଇ ପହଞ୍ଚାଇ ଦେଉଛନ୍ତି ବୁଝିବା କଷ୍ଟକର ନୁହେଁ। ଏଭଳିସ୍ଥଳେ ବ୍ୟବସ୍ଥା ଉପଯୁକ୍ତ ଭିତ୍ତିଭୂମି ଯୋଗାଇ ଦେବା ଆବଶ୍ୟକ। ଅନ୍ୟପକ୍ଷରେ ନାଗରିକମାନେ ମଧ୍ୟ ସେମାନଙ୍କ ଦାୟିତ୍ୱ ପ୍ରତି ସଚେତନ ହେବା ଜରୁରୀ। ସହରରେ ଥିବା ପ୍ରମୋଦ ଉଦ୍ୟାନ ପରିସରରେ ପୌରପାଳିକା ବା ମହାନଗରନିଗମ ପକ୍ଷରୁ ବର୍ଜ୍ୟବସ୍ତୁ ନିକ୍ଷେପ ଲାଗି ବାକ୍ସ ରଖା ଯାଇଥିଲେ ମଧ୍ୟ ଅନେକ ଦୂରରୁ ତା ମଧ୍ୟକୁ ମଇଳା ଫିଙ୍ଗିବାକୁ ପସନ୍ଦ କରିଥାନ୍ତି। ଯଦି ସମ୍ପୃକ୍ତ ଡଷ୍ଟବିନ୍‌ରେ ମଇଳା ନ ପଡ଼ି ତାହା ବାହାରେ ଖେଳେଇ ହୋଇଗଲା ସେଥିପ୍ରତି ଆମୋଦପ୍ରିୟ ବ୍ୟକ୍ତି ନିଘା ନ ଦେଇ ଆଗକୁ ଚାଲିଯାଉଥିବା ଦେଖିବାକୁ ମିଳୁଛି। ପୁଣି ପଡ଼ି ରହିଥିବା ପଦାର୍ଥ ଠିକ୍ ସମୟରେ ଉଠାଇ ଡମ୍ପିୟାର୍ଡ଼କୁ ନିଆଯିବା ମଧ୍ୟ ବଡ଼ ସମସ୍ୟା। ବର୍ତ୍ତମାନ ପରିପ୍ରେକ୍ଷୀରେ ସ୍ୱଚ୍ଛତାକୁ ଲୋକଦେଖାଣିଆ କରା ନଯାଇ କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ନଚେତ୍ ସ୍ୱଚ୍ଛ ଭାରତ ସ୍ଲୋଗାନ ଦିଆଯାଉଥିବା ବେଳେ ଆମେ ନିଜେ ଦିନେ ଅଳିଆରେ ବୁଡ଼ି ମରିବା।

**ନାରାୟଣ ଚନ୍ଦ୍ର ବିଶ୍ୱାଳ**
**କଟିକଟା, ମଙ୍ଗଳପୁର, ଯାଜପୁର,**
**ଦୂରଭାଷ : ୯୪୩୮୨୭୬୭୬୦**

## ଆନନ୍ଦପୁର ବ୍ଲକ ଗୋଷ୍ଠୀ ସାଧନ କେନ୍ଦ୍ର ଠାରେ ଅଗ୍ନିଶମ ବିଭାଗ ତରଫରୁ ମକ୍ ଡ୍ରିଲ୍

କେନ୍ଦୁଝର (ପିଏନ୍): ବିଶ୍ୱ ଭିନ୍ନକ୍ଷମ ଦିବସ ଅବସରରେ ଅଗ୍ନିଶମ ବିଭାଗ ପକ୍ଷରୁ ଆନନ୍ଦପୁର ବ୍ଲକରେ ଏକ ମକ୍ ଡ୍ରିଲର ଆୟୋଜନ କରାଯାଇଥିଲା । ଆନନ୍ଦପୁର ଅଂଚଳର ଜନସାଧାରଣ ଅଗ୍ନିକାଣ୍ଡରୁ କିପରି ନିଜକୁ ପ୍ରାଥମିକ ସ୍ତରରେ ରକ୍ଷା ପାଇପାରିବେ ସେ ନେଇ ଏହି ମକ୍ ଡ୍ରିଲର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ଓ ସାଧାରଣ ଲୋକଙ୍କ ଉପସ୍ଥିତିରେ ଅଗ୍ନିଶମ ଅଧିକାରୀ ଅଗ୍ନି ନିର୍ବାପନ ସମ୍ପର୍କରେ ଟିପ୍ପଣୀ ଦେଇଥିଲେ । ଏହା ସହିତ ବିଭିନ୍ନ ଜାଗାରେ ଆକସ୍ମିକ ଅଗ୍ନିକାଣ୍ଡ ଘଟିଲେ ଲୋକ ମାନଙ୍କୁ କିପରି ସୁରକ୍ଷା ଓ ରକ୍ଷା କରାଯାଇ ପାରିବ ସେ ସମ୍ପର୍କରେ ଅଗ୍ନିଶମ କର୍ମଚାରୀମାନେ ବିଭିନ୍ନ କୌଶଳ ପ୍ରଦର୍ଶନ କରି ଜନସାଧାରଣଙ୍କୁ ସଚେତନ କରାଇ ଥିଲେ । ଏହି କାର୍ଯ୍ୟକ୍ରମରେ ଅଗ୍ନିଶମ ବିଭାଗର ସମସ୍ତ କର୍ମଚାରୀ ସହଯୋଗ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ସେହିପରି ବିଶ୍ୱ ଭିନ୍ନକ୍ଷମ ଦିବସ ଅବସରରେ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଆନନ୍ଦପୁର ତରଫରୁ ଗୋଷ୍ଠୀ ସାଧନ କେନ୍ଦ୍ର ଆନନ୍ଦପୁର ଠାରେ ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପ୍ରକଳ୍ପ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ସେଠୀ, ଆନନ୍ଦପୁର ସମାଜ ମଙ୍ଗଳ ଅଧିକାରୀ ଶମ୍ଭୁନାଥ ରାଉତ, ଆନନ୍ଦପୁର ବିଇଓ ସନ୍ତୋଷ କୁମାର ରାଉତ ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ । ଏଥିରେ ବହୁ ସଂଖ୍ୟାରେ ଭିନ୍ନକ୍ଷମ ଛାତ୍ରଛାତ୍ରୀ, ଅଭିଭାବକ ଓ ବିଭିନ୍ନ ସ୍କୁଲର ଶିକ୍ଷକମାନେ ଯୋଗ ଦେଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଏଥିରେ ବିଭିନ୍ନ ପ୍ରତିଯୋଗିତାରେ ଉତିର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀ ମାନଙ୍କୁ ମୁଖ୍ୟଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଆନନ୍ଦପୁରର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

